ଡୋପିଂ ମାମଲା : ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡ଼ିଲେ ଜୁଡୋକା ମାନ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୧୭୫ ● ୨୫ ଜୁଲାଇ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-175 ● 25th July 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ସିଂହଦ୍ୱାର ସମ୍ମୁଖରେ ତିନି ରଥ, ଆଜି ସୁନାବେଶ

**ପୁରୀ, ୨୪।୭ : ନ୍ୟୁଜ୍ ବ୍ୟୁରୋ**

ଜନ୍ମବେଦିରେ ନଅଦିନର ଲୀଳାଖେଳା ଶେଷ କରି କୋଟି କୈବଲ୍ୟନାଥ, ବିଶ୍ୱନିୟନ୍ତା ଚତୁର୍ଦ୍ଧାମୂର୍ତ୍ତି ଶୁକ୍ରବାର ଶରଧାବାଲିରୁ ସିଂହଦ୍ୱାରକୁ ବାହୁଡ଼ିଛନ୍ତି। ନିର୍ମଳ ଆକାଶ ଓ ବିନା ବର୍ଷା, ବିନା ବାଧାରେ ମହାପ୍ରଭୁଙ୍କ ବାହୁଡ଼ା ନୀତି ସଂପନ୍ନ ହୋଇଛି। ମହାପ୍ରଭୁଙ୍କ ତିନି ରଥ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ସିଂହଦ୍ୱାରରେ ଲାଗିଛନ୍ତି। ଭଲ ପାଗ ଯୋଗୁଁ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରେ ଦର୍ଶନ କରି କୋଟିପୁଣ୍ୟ ଫଳପ୍ରାପ୍ତି ଆଶାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ରରେ ସମାଗମ ହୋଇଥିଲା। ଶନିବାର ଦ୍ୱାଦଶୀ ତିଥିରେ ରଥ ଉପରେ ତିନି ଠାକୁରଙ୍କ ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

ସନ୍ଧ୍ୟା ୫ଟା ୩୫ରେ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ନନ୍ଦିଘୋଷ ଗଡ଼ିଥିଲା। ସିଂହଦ୍ୱାର ସାମ୍ନାରେ ନନ୍ଦିଘୋଷ ୧୦ଟା ୦୦ରେ ପହଞ୍ଚି ଥିଲା। ଏକ ନିଆରା ଭକ୍ତିମୟ ପରିବେଶ ମଧ୍ୟରେ ତିନି ରଥଙ୍କୁ ଶ୍ରଦ୍ଧାଳୁମାନେ ଟାଣି ନେଉଥିଲେ। ଅପରାହ୍ ୪ଟା ୩୦ରେ ବଡ଼ଠାକୁରଙ୍କ ତାଳଧ୍ୱଜକୁ ଭକ୍ତମାନେ ଶ୍ରୀମନ୍ଦିର ଅଭିମୁଖେ ଟାଣିଥିଲେ। ରଥ ଉପରେ ଗଜପତି ମହାରାଜା ଛେରାପହଁରା ନୀତି ଅପରାହ୍ନ ୩ଟା ୩୦ରେ ଆରମ୍ଭ କରିଥିଲେ। ତିନି ରଥ ଉପରେ ଛେରାପହଁରା ନୀତି ସମ୍ପନ୍ନ କଲା ପରେ ଭକ୍ତମାନେ ହରିବୋଲ ସହିତ ଘଣ୍ଟ ବଜାଇ ତାଳଧ୍ୱଜକୁ ଶ୍ରୀମନ୍ଦିର ଅଭିମୁଖେ ଟାଣିଥିଲେ।

ଏହା ପୂର୍ବରୁ ଶ୍ରୀନଅର ସାମ୍ନାରେ ନନ୍ଦିଘୋଷ ଲାଗିଲା। ଲକ୍ଷ୍ମୀ ନାରାୟଣ ଭେଟ ହୋଇଥିଲା। ଶ୍ରୀନଅରରେ ପହଞ୍ଚିବା ପୂର୍ବରୁ ମହାପ୍ରଭୁଙ୍କୁ ମାଉସୀମା ପୋଡ଼ପିଠା ଖୁଆଇ ଥିଲେ। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ମାଉସୀମା'ଙ୍କ ସ୍ନେହ ମମତାର ଅପୂର୍ବ ନିଦର୍ଶନ ଦେଖିବାକୁ ମିଳିଛି। ଛପନ ପଉଟି ଭୋଗର ଅଧୀଶ୍ୱର କ୍ଷଣେ ମାଉସୀମା'ଙ୍କ ନିକଟରେ ଅଟକି ଯିବା ପରେ ପୋଡ଼ ପିଠା ସମର୍ପଣ କରିଥିଲେ ପୂଜାପଣ୍ଡା ସେବକ। ତିନି ଠାକୁରଙ୍କ ପାଇଁ ୩ଟି ପୋଠ ପିଠା ପ୍ରସ୍ତୁତ ହୋଇଥିଲା।

ସୂଚନା ଅନୁସାରେ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ବାହୁଡ଼ା ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଥିଲା ବଡ଼ଦାଣ୍ଡ । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ଶରଧାବାଲି। ଘଣ୍ଟଘଣ୍ଟା, ଶଙ୍ଖ, ବିଜେ କାହାଳୀର ଧ୍ୱନୀ ପରିବେଶକୁ ଭକ୍ତିମୟ କରିଦେଇଥିଲା । ଜନ୍ମବେଦିରୁ ରତ୍ନବେଦିକୁ ବାହୁଡିଥିଲେ ମହାବାହୁ । ଅପରାହ୍ନ ୪ଟା ପରିବର୍ତ୍ତେ ୩୫ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୪ଟା ୩୫ରେ ରଥଟଣା ଆରମ୍ଭ ହୋଇଥିଲା । ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ, ଶୁକ୍ରବାର ସକାଳେ



ମଙ୍ଗଳଆଳତୀ, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ଗୋପାଳବଲ୍ଲଭ ଓ ସକାଳ ଧୂପ ଶେଷ ହୋଇଥିଲା । ମହାପ୍ରଭୁଙ୍କୁ ଖେଚୁଡ଼ି ଭୋଗ ଲାଗି ହୋଇଥିଲା । ଏହାପରେ ସେନାପଟା ଲାଗି, ମଙ୍ଗଳାର୍ପଣ ଆଦି ନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି । ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରରୁ ନାକଚଣା ଦ୍ୱାର ଦେଇ ତିନି ରଥ ପରିକ୍ରମା କରିବା ପରେ ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ଦର୍ପଦଳନ ରଥରେ ବିଜେ କରିଥିଲେ । ବଡ ଠାକୁର ଶ୍ରୀବଳଭଦ୍ର ୧୨ଟାରେ ୫ରେ ତାଳଧ୍ୱଜ ରଥରେ ବିରାଜମାନ କରିଥିଲେ । ପରେ ଦେବୀ ସୁଭଦ୍ରା ଧାଡି ପହଣ୍ଡିରେ ଆସି ୧୨ଟା ୧୮ ମିନିଟ୍ ରେ ଦର୍ପଦଳନ ରଥରେ ବିରାଜମାନ କରିଥିଲେ । ଶେଷରେ ଟାହିଆ ହଲାଇ କାହାଳୀ, ଘଣ୍ଟଘଣ୍ଟାର ତାଳେ ତାଳେ ଝୁଲି ଝୁଲି ଆସି ଅପରାହ୍ନ ୨ଟା ୨୦ରେ ନନ୍ଦିଘୋଷ ରଥାରୂଢ଼ ହୋଇଥିଲେ ଜଗତର ନାଥ ଶ୍ରୀ ଜଗନ୍ନାଥ।

ଶ୍ରୀବିଗ୍ରହମାନେ ରଥାରୂଢ଼ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ରଥ ଉପରେ ଚାଲୁ ରହିଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ ତିନି ରଥରେ ଛେରାପହଁରା କରିବା ପରେ ଚାରମାଳ ଖୋଲାଯାଇ ରଥରେ ଦଉଡ଼ି ବନ୍ଧାଯାଇଥିଲା । କାଷ୍ଠନିର୍ମିତ ଅଶ୍ୱ ଯୋଚାଯାଇଥିଲା । ଅପରାହ୍ନ ୪ଟା ପରିବର୍ତ୍ତେ ୩୫ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୪ଟା ୩୫ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶ୍ରଦ୍ଧାଳୁମାନେ ଟାଣିଥିଲେ । ଏହାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ରଥ ଚାରିପାଖ, ବଡ଼ଦାଣ୍ଡ, ରେଳଷ୍ଟେସନ, *(ପୃଷ୍ଠା ୭ରେ)*

## ଏନଟିଏରେ ବଡ଼ ପରିବର୍ତ୍ତନ
## ୪୭ ଅଧିକାରୀ ବରଖାସ୍ତ

**ନୂଆଦିଲ୍ଲୀ, ୨୪।୭**

ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ନେଇ କେନ୍ଦ୍ର ସରକାର ଏବେ ଗୁରୁତ୍ୱର ସହ ପଦକ୍ଷେପ ନେଉଛନ୍ତି। ଜାତୀୟ ପରୀକ୍ଷା ଏଜେନ୍ସିରେ ବଡ଼ ପରିବର୍ତ୍ତନ କରିବାକୁ ସରକାର ପ୍ରସ୍ତୁତି ହେଉଛି। ଏନଟିଏର ସମଗ୍ର ଢାଞ୍ଚାରେ ପୁନର୍ଗଠନ କରାଯିବ।

ସରକାର ଶୁକ୍ରବାର ଏନଟିଏର ୪୭ ଜଣ ଅଧିକାରୀଙ୍କୁ ବରଖାସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରେ। ଆଗାମୀ ଏକ ମାସ *(ପୃଷ୍ଠା ୭ରେ)*

## କେମିକାଲ ପାର୍କ ପ୍ରତିଷ୍ଠା ଲାଗି
## ଭାରତ ଔଦ୍ୟୋଗିକ ବିକାଶ ଯୋଜନା ରସାୟନକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୪।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଦେଶରେ ତିନୋଟି ସ୍ୱତନ୍ତ୍ର କେମିକାଲ୍ ପାର୍କ ସ୍ଥାପନ ପାଇଁ "ଭାରତ ଔଦ୍ୟୋଗିକ ବିକାଶ ଯୋଜନା – ରସାୟନ (ଭବ୍ୟ ରସାୟନ)"କୁ ଅନୁମୋଦନ କରିଛି। ଏହି ଯୋଜନା ୨୦୨୬–୨୭ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା କରାଯାଇଥିଲା।

ଏହି ଯୋଜନା ପାଇଁ ମୋଟ ୩,୦୩୦



କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାରୁ ୩,୦୦୦ କୋଟି ଟଙ୍କା କେମିକାଲ୍ ପାର୍କ ଭିତରେ ମୌଳିକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ଉନ୍ନତି ପାଇଁ ଏବଂ ୩୦ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ପାଇଁ ରଖାଯାଇଛି। ଏହି ପରିକଳ୍ପନା ୨୦୨୬–୨୭ ରୁ ୨୦୩୦–୩୧ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଅବଧି ପାଇଁ କାର୍ଯ୍ୟକରୀ ହେବ। ଯୋଜନା ଅନୁସାରେ, କେନ୍ଦ୍ର ସରକାର ପ୍ରତ୍ୟେକ କେମିକାଲ୍ ପାର୍କ ପାଇଁ ସର୍ବାଧିକ ୧,୦୦୦ *(ପୃଷ୍ଠା ୭ରେ)*

## ମନ୍ତ୍ରୀଙ୍କୁ ମୋଦୀଙ୍କ ପରାମର୍ଶ
## ଇନଷ୍ଟାଗ୍ରାମରେ ସକ୍ରିୟ ରୁହନ୍ତୁ, ଯୁବପିଢ଼ିଙ୍କ ସହ ଯୋଡ଼ିହୁଅନ୍ତୁ

**ନୂଆଦିଲ୍ଲୀ, ୨୪।୭**

କେନ୍ଦ୍ର ମନ୍ତ୍ରୀମାନେ ସୋସିଆଲ ମିଡିଆ, ବିଶେଷକରି ଇନଷ୍ଟାଗ୍ରାମରେ ଅଧିକ ସକ୍ରିୟ ରହି ଯୁବପିଢ଼ିଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସେ ମନ୍ତ୍ରୀମାନଙ୍କୁ ସରକାରୀ କାର୍ଯ୍ୟକ୍ରମର ସୂଚନା ସହିତ ଇଣ୍ଟରାକ୍ଟିଭ୍ କଣ୍ଟେଣ୍ଟ ପୋଷ୍ଟ କରି ସାଧାରଣ ଲୋକଙ୍କ, ବିଶେଷକରି ଯୁବପିଢ଼ିଙ୍କ ସହ ସକ୍ରିୟ ଭାବେ ଯୋଡ଼ି ରହିବାକୁ କହିଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ ପ୍ରଥମେ ମନ୍ତ୍ରୀମାନଙ୍କୁ ପଚାରିଥିଲେ ଯେ କେତେଜଣ ନିୟମିତ ଭାବେ ଇନଷ୍ଟାଗ୍ରାମ ବ୍ୟବହାର କରୁଛନ୍ତି। ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ରିଲ୍, ସ୍ୱଳ୍ପଦୈର୍ଘ୍ୟର ଭିଡିଓ ଓ ଅନ୍ୟାନ୍ୟ ଆକର୍ଷଣୀୟ ଡିଜିଟାଲ୍ ଫର୍ମାଟ୍ ବ୍ୟବହାର କରି ନିଜ ମନ୍ତ୍ରଣାଳୟର କାର୍ଯ୍ୟ ଓ ସରକାରଙ୍କ ଯୋଜନାକୁ ସହଜ ଭାଷାରେ ଉପସ୍ଥାପନ କରିବାକୁ ପରାମର୍ଶ *(ପୃଷ୍ଠା ୭ରେ)*

## ୫ମ ଦିନରେ ବି ଅଚଳାବସ୍ଥା ଜାରି
## ସୋମବାର ଯାଏଁ ସଂସଦ ମୁଲତବୀ

**ନୂଆଦିଲ୍ଲୀ, ୨୪।୭**

ସଂସଦର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପଞ୍ଚମ ଦିନରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା। ଶୁକ୍ରବାର ମଧ୍ୟ ଉଭୟ ସଦନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିରୋଧୀ ସାଂସଦଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଫଳରେ ଆସନ୍ତା ସୋମବାର ଦିନ ୧୧ଟା ପର୍ଯ୍ୟନ୍ତ ଉଭୟ ଲୋକସଭା ଓ ରାଜ୍ୟସଭା ମୁଲତବୀ ରହିଛି। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ଜାରି ରଖିବାକୁ ସିଜେପିର ନିଷ୍ପତ୍ତି।
- ଆସାମ ବନ୍ୟା: ୧୧ଟି ଜିଲ୍ଲାରେ ୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ, ଆଉ ଛଅଟି ମୃତଦେହ ଉଦ୍ଧାର।
- କ୍ଷେପଣାସ୍ତ୍ର 'କୁଶା'ର ସଫଳ ପରୀକ୍ଷଣ ପାଇଁ ଡିଆରଡିଓକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ।
- ଶିଳ୍ପ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରୁ ଫେରୁଛନ୍ତି ଓଡିଆ ଯୁବକ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୩୩ (-୧୮୫)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୨୩୦ (-୧୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୨୫ (-୧୩୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୫)

## ଖୁରାନିଆଙ୍କୁ ଅବସର ଅନୁମତି



**ଭୁବନେଶ୍ୱର, ୨୪।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଅବସର ଗ୍ରହଣ କରିବେ। ଏଥିଲାଗି ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଖୁରାନିଆ ୨୦୨୪ ଅଗଷ୍ଟ ୧୬ରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ପଦଭାର ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚରେ ତାଙ୍କୁ ୬୦ବର୍ଷ ପୂରଣ ହେଉଥିଲେ *(ପୃଷ୍ଠା ୭ରେ)*

## ଓଡ଼ିଶା ସରକାର-ଏଚସିଏଲ୍ ଟେକ୍-ସର୍ଭମ ଏଆଇ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୪।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଲବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଶ୍ୱପ୍ରସିଦ୍ଧ 'ଏଚସିଏଲଟେକ୍' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା 'ସର୍ଭମ ଏଆଇ' ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତ୍ତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




ଏହି ଐତିହାସିକ ସହଯୋଗିତା ଅନୁଯାୟୀ, ଏଚସିଏଲଟେକ୍ ଓଡ଼ିଶାରେ ନିଜର ଏକ ଡେଭେଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ରାଜ୍ୟର ଆଇଟି ଇକୋସିଷ୍ଟମକୁ ବିଶ୍ୱସ୍ତରରେ ଏକ ନୂଆ ପରିଚୟ ଦେବ। ଏହି ସଂସ୍ଥାର ନାମ ହେଉଛି ଏଚସିଏଲଟେକ୍ ଗ୍ଲୋବାଲ ଡେଲିଭରି ସେଣ୍ଟର । ଏଥିସହିତ ଏଚସିଏଲଟେକ୍ ଏବଂ ସର୍ଭମ ଏଆଇର ମିଳିତ ସହଯୋଗରେ ଓଡ଼ିଶାରେ ଏକ 'ଏଆଇ-ଅପ୍‌ଟିମାଇଜ୍ ଡାଟା ସେଣ୍ଟର' ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ପ୍ରତିଷ୍ଠା କରାଯିବ। ଏହି ଡାଟା ସେଣ୍ଟର ଉକ୍ତ ଏଆଇ ପାର୍କ ମଧ୍ୟରେ ପ୍ରତିଷ୍ଠିତ ହେବ। *(ପୃଷ୍ଠା ୭ରେ)*




## ଏକାଳ ପଖାଳ



କୁଢ କୁଢ ଏବେ ଫିଙ୍ଗା ହେଲାଣି
ହଁ...ମ...ସେ ବହିଷ୍କାର
ଲିକ କରିଣ ଭୋଗୁଛନ୍ତି ଏବେ
ଜେଲ୍ ପଥ ପରିଷ୍କାର
କାହିଁ କଲ ଏ ବେପାର
କାଣ୍ଡ କରି ଦୁର୍ନୀତିଆ ଯେତେ
କରୁଥାନ୍ତି ହା ହା କାର।

## କୋର୍ଟ କାର୍ଯ୍ୟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପୂର୍ବରୁ ଅନୁମତି ଆବଶ୍ୟକ



**ନୂଆଦିଲ୍ଲୀ, ୨୪।୭**

ଏଣିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନୁମତି ବିନା ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମରେ କୋର୍ଟ କାର୍ଯ୍ୟର ଅଡିଓ-ଭିଡିଓ ରେକର୍ଡିଂ ସେୟାର କରାଯାଇ ପାରିବ ନାହିଁ।

ସୁପ୍ରିମକୋର୍ଟ ଅନୁମତି ବିନା ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମରେ କୋର୍ଟ କାର୍ଯ୍ୟର ଅଡିଓ-ଭିଡିଓ ରେକର୍ଡିଂ ସେୟାର କରିବାକୁ ନିଷେଧ କରିଛନ୍ତି। କୋର୍ଟ କହିଛନ୍ତି ଯେ ରେକର୍ଡିଂଗୁଡ଼ିକୁ ପୋଷ୍ଟ କରିବା, ପୁନଃପୋଷ୍ଟ କରିବା କିମ୍ବା ଅପଲୋଡ୍ କରିବା ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଆବଶ୍ୟକ ହେବ। ଶୁକ୍ରବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସୁପ୍ରିମକୋର୍ଟର ସଚିବ ଜେନେରାଲ କିମ୍ବା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ପୂର୍ବ ଅନୁମତି ବିନା କୋର୍ଟ କାର୍ଯ୍ୟର ଅଡିଓ-ଭିଡିଓ ରେକର୍ଡିଂଗୁଡ଼ିକୁ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମରେ ପୋଷ୍ଟ, ପୁନଃପୋଷ୍ଟ କିମ୍ବା ଅପଲୋଡ୍ କରାଯାଇପାରିବ ନାହିଁ।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନାଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ସୋସିଆଲ ମିଡିଆରେ କୋର୍ଟ କାର୍ଯ୍ୟର ଲାଇଭ୍ ଷ୍ଟ୍ରିମିଂ ଏବଂ ଭିଡିଓର ଅପବ୍ୟବହାର ସମ୍ପର୍କରେ ଏକ ଆବେଦନ *(ପୃଷ୍ଠା ୭ରେ)*

## ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା : ସିଇସି

**ଭୁବନେଶ୍ୱର, ୨୪।୭**
**ନ୍ୟୁଜ୍ ବ୍ୟୁରୋ**

ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ତତ୍‌ସଂଲଗ୍ନ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ଅଞ୍ଚଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ସୋଆ(ଶିକ୍ଷା 'ଓ' ଅନୁସନ୍ଧାନ) ଡିମ୍ଡ ଟୁ ବି ୟୁନିଭର୍ସିଟି ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି ।

ସିଇସି କହିଛି ଯେ, ପାଣିପାଗ ପ୍ରଭାବରେ



ଜୁଲାଇ ୨୫ରୁ ୨୮ ତାରିଖ ମଧ୍ୟରେ ରାଜ୍ୟର ଉତ୍ତର ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଏହାର ପ୍ରଭାବରେ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜୁଲାଇ ୨୦୨୬ ଶନିବାର





# ଛାତ୍ରୀମାନଙ୍କ ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ



**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର 'ଶକ୍ତିଶ୍ରୀ କୋଷ' ପକ୍ଷରୁ ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଜୁଲାଇ ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ଛଅଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଛାତ୍ରୀମାନଙ୍କୁ ବ୍ୟବହାରିକ ଆତ୍ମରକ୍ଷା କୌଶଳରେ ପାରଙ୍ଗମ କରିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା, ବ୍ୟକ୍ତିଗତ ସୁରକ୍ଷା ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିବା। ଏହି ପ୍ରଶିକ୍ଷଣ ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ କୁକୁମୀନା ଦାସ, ଛାତ୍ରକଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ, 'ଶକ୍ତିଶ୍ରୀ କୋଷ' ର ସଂଯୋଜିକା ଡକ୍ଟର ପ୍ରତିମା ପ୍ରଧାନ ଓ କୋଷର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ଶିଖାଶ୍ରୀ ରାୟ, ରଶ୍ମିରେଖା ରାଉତ, ଜିନାପ୍ରିୟଙ୍କା ଜେଠୀ ଏବଂ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି। ଛଅଦିନ ଧରି ଚାରିଟି ପର୍ଯ୍ୟାୟରେ ମୋଟ୍ ୭୦୦ ଜଣ ଛାତ୍ରୀଙ୍କୁ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତାର ବ୍ଲାକ୍ ବେଲ୍ଟଧାରୀ ବିଜେତା ତଥା ଅଭିଜ୍ଞ ପ୍ରଶିକ୍ଷିକା ମାନ୍‌ଶୀ ପ୍ରଧାନ, ଡି. ଭୁବନେଶ୍ୱରୀ ସାହୁ ଏବଂ ସ୍ମୃତିଶିଖା ସିଂହ ଏହି ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ପ୍ରଶିକ୍ଷଣ ସମୟରେ ଛାତ୍ରୀମାନଙ୍କୁ ମୌଳିକ ଆତ୍ମରକ୍ଷା କୌଶଳ, ବିପଦ ସମୟରେ କରଣୀୟ, ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ, ଆତ୍ମବିଶ୍ୱାସ ବୃଦ୍ଧି, ଶାରୀରିକ ସୁସ୍ଥତା ସହ ମାନସିକ ପ୍ରସ୍ତୁତି, ଶୃଙ୍ଖଳା ଏବଂ ବାସ୍ତବ ଜୀବନରେ ସାହସର ସହିତ ପରିସ୍ଥିତିର ସାମ୍ନା କରିବାର ଦକ୍ଷତା ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ ଯେ, ଛାତ୍ରୀମାନଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତୀକରଣ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ଉଚ୍ଚଶିକ୍ଷା ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ସୁରକ୍ଷିତ, ସମତାଭିତ୍ତିକ ଓ ସଶକ୍ତ କ୍ୟାମ୍ପସ ପରିବେଶ ସୃଷ୍ଟି ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସର ବାର୍ତ୍ତା ପ୍ରଦାନ କରୁଛି। ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣରେ ସକ୍ରିୟ ଭାବେ ଯୋଗଦେଇ ଜୀବନୋପଯୋଗୀ ଆତ୍ମରକ୍ଷା କୌଶଳ ଆହରଣ କରି ନିଜ ଆତ୍ମବିଶ୍ୱାସ, ସ୍ୱାବଲମ୍ବନ ଓ ବ୍ୟକ୍ତିଗତ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଆହ୍ୱାନ କରାଯାଇଛି।




## ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ମ୍ୟୁନିସିପାଲ୍ ହାଇସ୍କୁଲ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୂଚନା ସହିତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟ ପରିସର ବିଷୟରେ ସଚିବ ଜଣାଇବା ପରେ ଅତିଥି ଆଲୋଚକ ଭାବେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଓ ତପନ କୁମାର ପାତ୍ର ପିଓଆଇସି ପ୍ରମୁଖ ଯୋଗଦେଇ କିଶୋର ନ୍ୟାୟ ୨୦୧୫, ଯତ୍ନ ଓ ସୁରକ୍ଷା ଲୋଡ଼ୁଥିବା ଶିଶୁ, ଶିଶୁ ଅଧିକାର, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସହିତ ଯୌତୁକ ଜନିତ ସାମାଜିକ ପାରିବାରିକ ସମସ୍ୟାକୁ ନେଇ ପାଠ୍ୟ ଖସଡ଼ା ଓ ବିଭିନ୍ନ ସ୍ତରରେ ସଚେତନତା ଜାଗରଣ ଷ୍ଟେଟ୍ ୟୁପି ବନାମ ଅଜମଲ୍ ବେଗ୍ ଅପରାଧୀକ ମାମଲା ୨୦୧୭ ମସିହା ଅପିଲ୍ ସଂଖ୍ୟା ୧୩୨ ଓ ୧୩୩ କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଲ୍ଲେଖନୀୟ ରାୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷା କର୍ମୀମାନେ ସହଯୋଗ କରିଥିଲେ।

# ଯୁବ ପିଢ଼ିଙ୍କ ରୋଜଗାର ସୃଷ୍ଟି ପାଇଁ ମେୟରଙ୍କ ଦ୍ୱାରା 'ଜବ୍ ଫେୟାର୍' ଉଦ୍‌ଘାଟିତ

**କଟକ, ନ୍ୟୁଜ୍ ବ୍ୟୁରୋ**



ଯୁବ ପିଢ଼ିଙ୍କୁ ରୋଜଗାରର ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମ ଲାଇଟ୍ ହାଉସ୍‌ର ମିଳିତ ଅନୁକୂଲ୍ୟରେ ଏକ ଜବ୍ ଫେୟାର୍ ଆୟୋଜିତ ହୋଇଛି। ସକାଳ ୧୧ଟା ୩୦ ମିନିଟ୍ ସମୟରେ ଚାଉଳିଆଗଞ୍ଜ ସ୍ଥିତ କମ୍ୟୁନିଟି ହଲ୍ ପରିସରରେ ଆୟୋଜିତ ଏହି ନିଯୁକ୍ତି ମେଳାକୁ କଟକ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ଏହି ଜବ୍ ଫେୟାର୍‌ରେ ବିଭିନ୍ନ କ୍ଷେତ୍ରରେ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଥିଲା। ବ୍ୟାଙ୍କିଙ୍ଗ୍, ଫୁଡ୍ ଆଣ୍ଡ ବେଭରେଜ୍, ଟେଲିକମ୍ୟୁନିକେସନ୍, ରିଟେଲ୍, ଅଟୋମୋବାଇଲ୍ ଏବଂ ଡାଟା ଏଣ୍ଟ୍ରି ଭଳି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ଅନେକ କମ୍ପାନୀ ଏହି ଜବ୍ ଫେୟାର୍‌ରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପଦବୀ ପାଇଁ ପ୍ରାୟ ୩୨୦ ଜଣ ପ୍ରାର୍ଥୀ ଆବେଦନ କରି ନିଯୁକ୍ତି ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ। ଜବ୍ ଫେୟାର୍ ପରିଦର୍ଶନ ସମୟରେ ମେୟର ସୁବାସ ସିଂହ ଉପସ୍ଥିତ ପ୍ରାର୍ଥୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଚାକିରି ପାଇଁ ସାକ୍ଷାତକାର ଦେବା ସମୟରେ କୌଣସି ପ୍ରକାର ଚାପ କିମ୍ବା ଭୟ ନ ରଖି ଆତ୍ମବିଶ୍ୱାସର ସହିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାକୁ ସେ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ନିଜର ଦକ୍ଷତା, ଯୋଗ୍ୟତା ଓ ଆତ୍ମବିଶ୍ୱାସ ହିଁ ନିଯୁକ୍ତି କ୍ଷେତ୍ରରେ ସଫଳତାର ମୁଖ୍ୟ ଆଧାର ବୋଲି ମେୟର ଶ୍ରୀ ସିଂହ ପ୍ରକାଶ କରିବା ସହିତ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ସେ କହିଥିଲେ ଯେ, ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଏବଂ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିଦାତାଙ୍କ ସହିତ ସିଧାସଳଖ ଯୋଡ଼ିବା ଦିଗରେ ଏଭଳି ଜବ୍ ଫେୟାର୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ଯୁବକ ଯୁବତୀମାନେ ନିଜର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ଚାକିରିର ସୁଯୋଗ ପାଇବା ସହିତ ନିଜ ଭବିଷ୍ୟତକୁ ଏକ ନୂତନ ଦିଗ ଦେଇପାରିବେ। ଏହି ଅବସରରେ କଟକ ମେୟର ସୁବାସ ସିଂହଙ୍କ ସହିତ ଉପମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, କର୍ପୋରେଟର ମିନା ସାହୁ, କଟକ ମହାନଗର ନିଗମର ଉପଆୟୁକ୍ତ ସ୍ୱାତି ମିଶ୍ରଙ୍କ ସମେତ ଲାଇଟ୍ ହାଉସ୍‌ର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ନିଯୁକ୍ତିଦାତା ସଂସ୍ଥାର ପ୍ରତିନିଧି ଏବଂ ବହୁ ସଂଖ୍ୟକ ଆଶାୟୀ ପ୍ରାର୍ଥୀ ଉପସ୍ଥିତ ଥିଲେ। କଟକ ମହାନଗର ନିଗମ ଲାଇଟ୍ ହାଉସ୍‌ର ଏହି ମିଳିତ ପ୍ରୟାସ ଯୁବପିଢ଼ିଙ୍କୁ ରୋଜଗାର ସହିତ ଯୋଡ଼ିବା ଏବଂ ସେମାନଙ୍କୁ ଆତ୍ମନିର୍ଭର କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ବିବେଚିତ ହୋଇଛି।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଭାଗ ନେବେ ମୟୂରଭଞ୍ଜର ୭ ପ୍ରତିଯୋଗୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ରାଜସ୍ଥାନ ଠାରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ଯୋଗାସନ ସବ୍ ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୁରଭଞ୍ଜର ୫ ଜଣ ଓ ପାଟନାରେ ସିନିୟର ବିଭାଗର ୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି ଓ ପ୍ରକାଶ ଥାଉକି ଚଳିତ ମାସ ଓଡ଼ିଶା ଯୋଗ ଏସୋସିଏସନ୍ ଦ୍ୱାରା କଟକ ଠାରେ ଅନୁଷ୍ଠିତ ୩୨ ତମ ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାରୁ ସର୍ବମୋଟ୍ ୬୧ ଜଣ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବା ବେଳେ ସବ୍ ଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ ସ୍ଥାନ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଏବଂ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ତତ୍‌ସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟାଂଶି ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ୍ ମଣ୍ଡଳ ୫ମ, ନେହା ଅଗ୍ରୱାଲ୍ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଏବଂ କ୍ରିଷ୍ଣା ନାୟକ 'ଯୋଗ କୁମାର' ଓ ଶିବଶଙ୍କର ଦାସ ଯୋଗଶ୍ରୀ ଉପାଧି ଲାଭ କରିଛନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ କୃତୀ ପ୍ରତଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି ।

# ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ବର୍ବର କାଣ୍ଡକୁ ନିନ୍ଦା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**




ନୂଆଦିଲ୍ଲୀ ଠାରେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ ଦମନଲୀଳାର ପ୍ରତିବାଦରେ ଧାରଣା ଦେଇଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ବେଣୁ ଗୋପାଳ ଓ ଅନ୍ୟାନ୍ୟ ଦଳର ଶୀର୍ଷ ନେତୃତ୍ୱଙ୍କ ସମେତ ଓଡ଼ିଶା ଲୋକଭବନ ସମ୍ମୁଖରୁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କୁ ପୋଲିସ ବଳପୂର୍ବକ ଉଠାଇନେବା ଘଟଣାର ତୀବ୍ର ନିନ୍ଦା କରିଛି ଭଦ୍ରକ ଜିଲ୍ଲା କଂଗ୍ରେସ। ଏହାର ପ୍ରତିବାଦରେ ବୁଧବାର ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ବରିଷ୍ଠ ନେତୃତ୍ୱ ଜିଲ୍ଲା କାର୍ଯ୍ୟାଳୟରୁ ପ୍ରବଳ ବର୍ଷା ସତ୍ତ୍ୱେ ଏକ ଶୋଭାଯାତ୍ରାରେ ବାହାରି ରାଜଘାଟ ଛକ ଠାରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ଓ ବିକ୍ଷୋଭ ସଭାରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କେନ୍ଦ୍ରର ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନୈତିକତା ଉପରେ ପ୍ରଶ୍ନ ଉଠାଇ ସେମାନଙ୍କ ଇସ୍ତଫା ଦାବି କରିଥିଲେ। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ମାସ ଧରି ଛାତ୍ରମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଛନ୍ତି। କିନ୍ତୁ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ନଦେବାରୁ ଛାତ୍ରଛାତ୍ରୀମାନେ ଗତ ୨୦ ତାରିଖ ଯନ୍ତରମନ୍ତର ଠାରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ କିନ୍ତୁ ସେମାନଙ୍କ ଦାବି ମାନିବା ପରିବର୍ତ୍ତେ ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ବାହିନୀ ଯେପରି ଭାବେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କଲା ତାହା ଦୁର୍ଭାଗ୍ୟଜନକ ଓ ଭାରତର ଗଣତାନ୍ତ୍ରୀକ ଇତିହାସରେ ଏକ କଳାଦାଗ ହୋଇ ରହିବ। ଏହି ଆକ୍ରମଣକୁ ବିରୋଧ କରି ସମବେଦନା ଜଣାଇବାକୁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କେସି ବେଣୁ ଗୋପାଳଙ୍କ ସମେତ ବହୁ ବରିଷ୍ଠ କେନ୍ଦ୍ରୀୟ ନେତୃତ୍ୱ ଧାରଣା ଦେଇଥିବାବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ଉଠାଇନେବା ଘଟଣା ଦେଶବାସୀଙ୍କୁ ମର୍ମାହତ କରିଛି। ତେଣୁ ଯେପର୍ଯ୍ୟନ୍ତ ଛାତ୍ରମାନଙ୍କ ଦାବି ପୂରଣ ନହୋଇଛି କଂଗ୍ରେସ ପକ୍ଷରୁ ଏହାକୁ ପୂର୍ଣ୍ଣ ସମର୍ଥ ଜାରି ରହିବ ବୋଲି ସେ ଘୋଷଣା କରିଥିଲେ। ସଭା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ତୃଟିପୂର୍ଣ୍ଣ ପୁସ୍ତକ ଛାପି ଲକ୍ଷାଧିକ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ଯେନା, ପ୍ରଦ୍ୟୁମ୍ନ କୁମାର ଦାସ, ପିତବାସ ଧଳ, ବଳରାମ ରାଉତ, ବିଜୟ ବାରିକ, ରାଜକିଶୋର ପଣ୍ଡା, ସୁବ୍ରତ ବେହୁରା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ପ୍ରମିଳା ମାଝୀ, ପାରିଷଦ ରୁକସାନା ଖାତୁନ, ସେଖ ସାହିଲ କାଦ୍ରୀ, ଆଲୋକ ଦାସ, ପବିତ୍ର ପୃଷ୍ଟି, ସାଦ ସିଦ୍ଦିକ୍, ବିଦ୍ୟାଧର ଜେନା, ସଂଜୟ ମିଶ୍ର, ଇଲ୍ଲିୟାସ ଅଲ୍ଲୀ ଖାନ, ଏନାମୁଲ ହକ୍, ଗଣେଶ ପ୍ରସାଦ ମଲ୍ଲିକ, ଗୁଲାମ ମହିଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ କାର୍ଯ୍ୟ ସମୀକ୍ଷା ସହ ଧାନ ତଳି ରୋଇଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



କଣ୍ଟାମାଳ ବ୍ଲକରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ପରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ସହିତ ଅପରାହ୍ନରେ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ପ୍ରଥମେ ଜିଲ୍ଲାପାଳ କଣ୍ଟାମାଳ ସହର ପାଇଁ ପ୍ରସ୍ତାବିତ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ନିମନ୍ତେ ଉଦୟପୁର ଠାରେ ଚିହ୍ନଟ ସ୍ଥାନ ପରିଦର୍ଶନ କରି ଏହାର ଉପଯୋଗିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ବରଗାଁ ଗ୍ରାମପଞ୍ଚାୟତର ଘୁଚାଙ୍ଗି ଗ୍ରାମରେ ଓଡ଼ିଶା ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ ନିର୍ମିତ ଆଦର୍ଶ କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ଫାର୍ମର ହିତାଧିକାରୀ କେଶରଞ୍ଜନ ରଣା ୧୦୦୦ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୪ ଲକ୍ଷ ୧୧ ହଜାର ଟଙ୍କା ସବ୍‌ସିଡି ପାଇଥିବା ଜଣାଇଥିଲେ। ଜିଲ୍ଲାପାଳ ଏହାର ପରିଚାଳନା ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଏହାକୁ ଏକ ଆଦର୍ଶ ସମନ୍ୱିତ କୃଷି ଫାର୍ମରେ ପରିଣତ କରିବା ନିମିତ୍ତ ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ କ୍ଷେତରେ ଧାନ ରୋପଣ କରୁଥିବା ମହିଳା ଚାଷୀମାନଙ୍କ ସହ ମିଶି ସେମାନଙ୍କ ସୁଖ ଦୁଃଖ ବୁଝିବା ସହ କିଛି ସମୟ ଧରି ସେମାନଙ୍କ ସହ ଧାନ ରୋପଣ କରିଥିଲେ। ଏହି ଦୃଶ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହର ସଞ୍ଚାର କରିଥିଲା। ଏହାପରେ ସେ ଘୁଚାଙ୍ଗୀ ଗ୍ରାମ ରାସ୍ତା ଏବଂ କୁରୁକୁପା ଗ୍ରାମରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ପକ୍ଷରୁ ନିର୍ମିତ ନୂତନ କଲଭର୍ଟ ପରିଦର୍ଶନ କରି କାର୍ଯ୍ୟର ଗୁଣବତ୍ତା ଓ ଅଗ୍ରଗତିର ସମୀକ୍ଷା କରିଥିଲେ। କୁଲୁତାଯୋର ଗ୍ରାମ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରିତା ତଦାରଖ କରି ଉପଭୋକ୍ତା ମାନଙ୍କ ସହ ଆଲୋଚନା କରିଥିଲେ। ଲୋକମାନେ ନିୟମିତ ଭାବେ ଖାଦ୍ୟଶସ୍ୟ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ଉପସ୍ଥାପନ କରିଥିବା ବେଳେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। କୁଲୁତାଯୋର ଗ୍ରାମର ମହିଳା ଚାଷୀ ରେଣୁକା ରଣାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଗୋପାଳନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପରେ ପ୍ରାୟ ୧୦ ଲକ୍ଷ ଟଙ୍କା ସବ୍‌ସିଡି ମିଳୁଥିବା ଜାଣି ଜିଲ୍ଲାପାଳ ହିତାଧିକାରୀଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ସେ ଫାସେଡ୍‌ରେ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ପାଠପଢ଼ା, ରହଣି, ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କୁ ନିଷ୍ଠାର ସହ ପାଠପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ବରପଦର ଗ୍ରାମରେ କଟାବନ୍ଧ ପରିଦର୍ଶନ କରି ସେଠାରେ ପାହାଚ ନିର୍ମାଣ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ପରେ କେଉଟିପାଲି ଗ୍ରାମର ବନ ସୁରକ୍ଷା ସମିତି ଗୃହ ଏବଂ ଗ୍ରାମ୍ୟ ରାସ୍ତା ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଶେଷରେ ପିଟାବାହଲ ଗ୍ରାମର ଖଡ଼ଙ୍ଗ ବ୍ରିଜ୍ ପରିଦର୍ଶନ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପିଟାବାହଲ ଗ୍ରାମବାସୀ ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ। ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ, ବ୍ଲକ୍ ଅଧିକାରୀ, ଯନ୍ତ୍ରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



## ଜିଲ୍ଲାସାରା ବୁଲିବ ଚାଷୀ ସଚେତନତା ରଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ୍ ହେବାପାଇଁ ଚାଷୀମାନଙ୍କୁ ସଚେତନ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏକ ରଥକୁ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଡିଆର୍‌ସିଏସ୍ ପ୍ରଭାକର ନାୟକ, ଏଆର୍‌ସିଏସ୍ ଯୋଗେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ରଥଟି ଏକ ସପ୍ତାହ ଧରି ବୁଲି ୯ଟି ବ୍ଲକର ସମସ୍ତ ପଞ୍ଚାୟତ ଗୁଡିକରେ ଚାଷୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରେ ଚାଷର କ୍ଷୟକ୍ଷତିରୁ ବଞ୍ଚିବା ପାଇଁ ଫସଲ ବୀମା ଯୋଜନାରେ ପଞ୍ଜିକରଣ କରିବା ପାଇଁ ସଚେତନ କରିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗର ବରିଷ୍ଠ କିରାଣୀ ଶିବାଶିଷ ପତି ସହଯୋଗ କରିଥିଲେ।

# ଚିଲିକା ଜେଟିରେ ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ ନେଇ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଚିଲିକା କୂଳ ଜେଟି ପରିସରରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ବହୁବିଧ ସମସ୍ୟା ଉପରେ ଏକ ଆଲୋଚନା ହୋଇଥିଲା। ରମ୍ଭା ଚିଲିକା ମତ୍ସ୍ୟ ଉତ୍ସ ବା ସୈରାତ ଉପରେ ନିର୍ଭର କରୁଥିବା ଖନ୍ଦା, ଜାଣ, ବାହାଣୀ ଓ ଡଙ୍ଗା ଚାଳନ କରି ପରିବାର ପ୍ରତିପୋଷଣ କରୁଥିବା ବିଭିନ୍ନ ସମସ୍ୟା ଗତି କରି ଚାଲୁଥିବା ମତ୍ସ୍ୟଜୀବୀ ବାହାଣିଆ ଦୁର୍ଦ୍ଦିନ ଅବସ୍ଥା କହିଲେ ନସରେ। ଏଭଳି ପରିସ୍ଥିତିରେ ପର୍ଯ୍ୟଟନ ବିଭାଗର ଚିଲିକା ଓ ଜେଟି ଉନ୍ନୟନ କାମ ପାଇଁ ଫୁଡ ଫର୍ ୱାର୍କ ଭଳି ମତ୍ସ୍ୟଜୀବୀଙ୍କ ଥଇଥାନ ଆବଶ୍ୟକତା ରହିଛି । ତେଣୁ ରମ୍ଭା ଅଞ୍ଚଳବାସୀ ସିକ୍ୟୁରିଟି ଗାର୍ଡ, ସ୍ୱିପର ଓ ସୁପରଭାଇଜର ପ୍ରଭୃତି ପାଇଁ ହକ୍‌ଦାର୍ ବୋଲି ମତ ପ୍ରକାଶ ପାଇଥିଲା। ଏହା ବ୍ୟତିତ ୮ ବର୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ପର୍ଯ୍ୟଟନ ଡଙ୍ଗା ନଚାଲିବା ଫଳରେ ବିଭିନ୍ନ ସମସ୍ୟା ପରିଲକ୍ଷିତ ହେଉଥିବା ଏବଂ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ଭରଣା ପ୍ରତ୍ୟେକ ଡଙ୍ଗା ମାଲିକଙ୍କ ଚିନ୍ତାର ବିଷୟ ପାଲଟିଛି। ଆଗାମୀ ମାସରେ ଡଙ୍ଗା ଚାଲି ପାରିବ ବନ୍ଧ ପରିକର ପ୍ରୟାସ ଚାଲିବ ଉଭୟ ପକ୍ଷକୁ ବୁଝାମଣା ନିଶ୍ଚିତ ଆଡକୁ ଗତି କରୁଛି, ଫଳରେ ବଞ୍ଚିବା ପାଇଁ କିଛିଟା ରାହା ମିଳିପାରିବ । ହୁକ ଔର କୁକୁ ନିଶ୍ଚିତ ଡଙ୍ଗା ଚାଲିବ ଏହା ଆଉ କୌଣସି ବାଧା ସୃଷ୍ଟି ହେବନାହିଁ ବୋଲି ସଭା ସ୍ଥିର କରିଥିଲା। ଏହି ସଭାରେ ବିଜୟ ବେହେରା, ଚିତ୍ରସନ ଦାସ, ରଘୁନାଥ ବେହେରା, ଯୋଗୀନ୍ଦ୍ର କାର୍ଜି, ସାରଥୀ ବେହେରା, ଚକ୍ରଧର ବେହେରା, ମହେଶ୍ୱର ବେହେରା, ବାବୁ ବେହେରା, ସୁନୀଲ ବେହେରା, ଗଣପତି ବେହେରା ପ୍ରମୁଖ ଅନ୍ୟାନ୍ୟ ନେତୃତ୍ୱ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ବିଷୟରେ ପର୍ଯ୍ୟଟନ ମନ୍ତ୍ରୀ, ସଚିବ ଓ ସି.ଡି.ଏଙ୍କୁ ଅବଗତ କରାଯିବ ବୋଲି ମତ ପ୍ରକାଶ ପାଇଥିଲା।

## ବିଜେପି ମହିଳା ଉପସଭାନେତ୍ରୀ ହେଲେ ଶୁଚିସ୍ମିତା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଏରସମା-ବାଲିକୁଦ ନିର୍ବାଚନ ମଣ୍ଡଳୀର ବାଲିକୁଦା ବ୍ଲକ ଅଞ୍ଚଳର ଜଣାଶୁଣା ନାରୀନେତ୍ରୀ ଶୁଚିସ୍ମିତା ମହାନ୍ତିଙ୍କୁ ଜଗତସିଂହପୁର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାବେ ଦାୟିତ୍ୱ ମିଳିଛି । ଶ୍ରୀମତୀ ମହାନ୍ତି ୨୦୧୪ ମସିହାରୁ ବିଜେପିରେ ଯୋଗଦେଇ ସକ୍ରିୟ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ପୂର୍ବରୁ ୨୦୧୫ ମସିହାରେ ବାଲିକୁଦା ମଣ୍ଡଳ ଜୋନ-୨ ମଣ୍ଡଳ ସଭାନେତ୍ରୀ ଥିଲେ । ୨୦୧୭ ମସିହାରେ ସେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହିତ ୨୦୧୭ ମସିହାରେ ବାଲିକୁଦା ବ୍ଲକର ୨ ନଂ ଜୋନ୍‌ରୁ ଜିଲ୍ଲା ପରିଷଦ ସଭ୍ୟା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ନୂତନ ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଏବଂ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତିଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି ।

# କନ୍ୟା ଭ୍ରୁଣ ହତ୍ୟା ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପିସିପିଏନ୍‌ଡିଟି ଉପଦେଷ୍ଟା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମାଝୀ କନ୍ୟା ଭ୍ରୂଣ ହତ୍ୟାକୁ ରୋକିବା ପାଇଁ ସମସ୍ତ ସଭ୍ୟ ସଭ୍ୟାମାନଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ। ଏଥିପାଇଁ ପ୍ରଶାସନିକ ତତ୍ପରତା ସହିତ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ସେ ସୂଚାଇଥିଲେ। ଜିଲ୍ଲାରେ ବର୍ତ୍ତମାନ ମୋଟ୍ ୧୫ଟି ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ କାର୍ଯ୍ୟକ୍ଷମ ରହିଛି। ସେଥିମଧ୍ୟରୁ ୭ଟି ସରକାରୀ ଏବଂ ୮ଟି ଘରୋଇ (ବେସରକାରୀ) ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ରହିଛି। ଓଡ଼ିଶାରେ ଜନ୍ମ ସମୟରେ ପ୍ରତି ୧୦୦୦ ପୁଅ ଶିଶୁରେ ୯୨୩ ଝିଅ ଶିଶୁ ଜନ୍ମ ହେଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ଏହା ୮୯୬ ରହିଛି। ବିଶେଷକରି ଉଲୁଣ୍ଡା ବ୍ଲକରେ ପ୍ରତି ୧୦୦୦ ପୁଅ ଶିଶୁରେ ୮୬୮ ଝିଅ ଶିଶୁ ଏବଂ ତରଭା ବ୍ଲକରେ ପ୍ରତି ୧୦୦୦ ପୁଅ ଶିଶୁରେ ମାତ୍ର ୭୪୪ ଝିଅ ଶିଶୁ ରହିଥିବାରୁ ୨୦୨୫-୨୬ ବର୍ଷ ପାଇଁ ଏହି ଦୁଇଟି ବ୍ଲକର ପ୍ରଦର୍ଶନ ଅତ୍ୟନ୍ତ ଚିନ୍ତାଜନକ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ବ୍ଲକଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ ନିବିଡ଼ ତଦାରଖ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହିତ, କନ୍ୟା ଭ୍ରୂଣ ହତ୍ୟା ସମ୍ପର୍କିତ କୌଣସି ସୂଚନା ଜଣେ ସାଧାରଣ ବ୍ୟକ୍ତି ପ୍ରଦାନ କଲେ ତାଙ୍କୁ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବା ସହିତ ତାଙ୍କର ପରିଚୟ ଓ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ସୂଚନା ଦିଆଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରକାଶ ଦଣ୍ଡସେନା, ଡା. ଦୈତ୍ୟ ନାରାୟଣ ପାଢ଼ୀ (ପୂର୍ବତନ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ), ରୂପକ କୁମାର ମହାପାତ୍ର (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ), ଡ୍ରଗ ଇନ୍ସପେକ୍ଟର ଟିକେଶ୍ୱରୀ ଭୋଇ, ସ୍ୱେଚ୍ଛାସେବୀ ମନୋରଞ୍ଜନ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ପ୍ରସୂତି ବିଶେଷଜ୍ଞ ବିନିକା ସତ୍ୟନାରାୟଣ ପାଣିଗ୍ରାହୀ ଏବଂ ଉଲୁଣ୍ଡା ମେଡିକାଲ୍ ଅଧିକାରୀ, ଡ ମୁକେଶ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭନା ଦାଶ ବୈଠକର କାର୍ଯ୍ୟବିବରଣୀ ଉପସ୍ଥାପନ କରିଥିଲେ।

# ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବ୍ୟାସ ସରୋବର ଜଗନ୍ନାଥ ମନ୍ଦିର ପରିସରରେ ଏକ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ କର କମଳରେ ଅନୁଷ୍ଠିତ ହୋଇଥିଲା । ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୭୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ରଥଯାତ୍ରା ଓ ବିବାହ, ବ୍ରତ ଆଦି ସମୟରେ ଭକ୍ତ ମାନେ ଯେମିତି କୌଣସି କାରଣରୁ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ଏହି ମଣ୍ଡପ ନିର୍ମାଣ କରାଯାଉଛି । ଏହି ଜଗନ୍ନାଥ ମନ୍ଦିରଟି ବହୁ ପ୍ରତିଷ୍ଠିତ ଏବଂ ବହୁ ପୁରାତନ କାଳରୁ ଥିବାରୁ ମନ୍ଦିର ପରିସରରେ ଏକ କଲ୍ୟାଣ ମଣ୍ଡପର ନିହାତି ଆବଶ୍ୟକ ରହିଆସୁଥିଲା ଯାହା କୋରେଇ ବିଧାୟକଙ୍କ ଶିଳାନ୍ୟାସ କରିବା ପରେ ବିଧାୟକଙ୍କୁ ସ୍ଥାନୀୟବାସୀ ଏବଂ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ କୃତଜ୍ଞତା ଜଣାଇଥିଲେ । ବଡପଣ୍ଡା ପୀତବାସ ପତିଶର୍ମା, ପୂଜକ ଗୋପାଳ ଚନ୍ଦ୍ର ପତି ପୂଜାର୍ଚ୍ଚନା କରିଥିଲେ । ୩୩ ଶହ ବର୍ଗଫୁଟର କଲ୍ୟାଣ ମଣ୍ଡପ ନିର୍ମାଣ ହେବାକୁ ଥିବାବେଳେ ଏଥିରେ ହଲ୍ ସହିତ ୨ଟି ଶୀତତାପ ନିୟନ୍ତ୍ରିତ ଗୃହ, ମହିଳା, ପୁରୁଷ ଶୌଚାଳୟ, ରୋଷଶାଳା ରହିଛି । ଠିକାଦାର ପ୍ରଭାତ କୁମାର ଜେନା ଏହାର ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ପାଇଥିବାବେଳେ ବର୍ଷେ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଛନ୍ତି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ନଗରପାଳ ସୁବାସ ବଳ, ପ୍ରତିନିଧି ଧନେଶ୍ୱର ବାରିକ, ସାଂସଦ ପ୍ରତିନିଧି ନିରଞ୍ଜନ ଘଡେଇ, ବିଧାୟକଙ୍କ ବ୍ୟାସନଗର ପ୍ରତିନିଧି ଶିଶିର କୁମାର ରାଉତ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବିଜେପି ନେତା ଚନ୍ଦ୍ରଶେଖର ପଣ୍ଡା, ସତ୍ୟନାରାୟଣ ମହାନ୍ତି, ପ୍ରିୟବ୍ରତ ସାହୁ, ବାବାଜୀ ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ପସ୍ଥିତ ରହିଥିଲେ ।

32 YEARS
ସମ୍ବାଦ କଳିକା

# ସମୁଦ୍ର ସାଜିଛି ଯୁଦ୍ଧକ୍ଷେତ୍ର

ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ ସମୁଦ୍ରକୁ ନେଇ ଏବେ ବଡ ସଂଘର୍ଷ। ଏହା ମଧ୍ୟ କହିବା ଭୁଲ ହେବ ନାହିଁ ଯେ, ଯୁଦ୍ଧ ସମୟରେ ସମୁଦ୍ର ମଧ୍ୟ ଆଉ ସୁରକ୍ଷିତ ନୁହେଁ। ଗତ କିଛି ମାସ ଧରି ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ସଂଘର୍ଷ ଯୋଗୁଁ ହର୍ମୁଜ୍ ପ୍ରଣାଳୀରେ ଅନେକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଛି। ଏହି ସମୟରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଇରାନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛନ୍ତି। ଆମେରିକାର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ଇରାନ ଯୁଦ୍ଧ ସମାପ୍ତ କରିବା ପାଇଁ ଆଲୋଚନା ପ୍ରତି ଗମ୍ଭୀର ନୁହେଁ। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ବିଶ୍ୱର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶକ୍ତି ଅବରୋଧକ (ଲୋହିତ ସାଗର ଏବଂ ହର୍ମୁଜ୍ ପ୍ରଣାଳୀ)କୁ ପ୍ରଭାବିତ କରିଛି। ମାନିଲାରେ ଦକ୍ଷିଣ-ପୂର୍ବ ଏସୀୟ ବିଦେଶ ମନ୍ତ୍ରୀଙ୍କ ବୈଠକରେ ଆମେରିକାର ବୈଦେଶିକ ମନ୍ତ୍ରୀ ରୁବିଓ କହିଛନ୍ତି ଯେ, ଆମର ସମସ୍ୟା ହେଉଛି ଯେ ସେମାନେ (ଇରାନ) ଆଲୋଚନା ପ୍ରତି ଗମ୍ଭୀର ନୁହଁନ୍ତି। ଯଦି ସେମାନେ ଗମ୍ଭୀର, ତେବେ ଆମେ ମଧ୍ୟ ଗମ୍ଭୀର। ରୁବିଓ ଏହା ମଧ୍ୟ କହିଛନ୍ତି ଯେ ଯଦି ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଆମେ ନିଜକୁ ଏବଂ ଆମର ସହଯୋଗୀ ମାନଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବୁ। ଉଲ୍ଲେଖନୀୟ ଯେ ୟେମେନର ଇରାନ-ସମର୍ଥିତ ହୁଥି ବିଦ୍ରୋହୀ ମାନେ ସାଉଦି ଜାହାଜ ଚଳାଚଳକୁ ଅବରୋଧ କରିବାକୁ ଧମକ ଦେଇଥିଲେ। ଏହା ପରେ, ବୁଧବାର ଏସିଆ ଅଭିମୁଖେ ଯାଉଥିବା ଆଉ ଚାରିଟି ଟ୍ୟାଙ୍କର ଲାଲ ସାଗର ଦେଇ ସେମାନଙ୍କର ମାର୍ଗ ପରିବର୍ତ୍ତନ କରିଥିଲେ। ପୂର୍ବରୁ, ମଙ୍ଗଳବାର ତିନୋଟି ଟ୍ୟାଙ୍କର ସେମାନଙ୍କର ମାର୍ଗ ପରିବର୍ତ୍ତନ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଇରାନ ପୂର୍ବରୁ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ପରିବହନକୁ ଧମକ ଦେଉଛି। ଏହି କାରଣରୁ ସାଉଦି ଆରବ ଏବେ ତାର ଅଶୋଧିତ ତୈଳ ରପ୍ତାନିର ଏକ ବଡ଼ ଅଂଶ ଲାଲ ସାଗର ବନ୍ଦର ୟାନବୁକୁ ପଠାଇ ଦେଇଛି। ଆମେରିକାର ବୈଦେଶିକ ମନ୍ତ୍ରୀ ଇରାନ ବିରୁଦ୍ଧରେ ଅନେକ ଅଭିଯୋଗ ଆଣିଥିବା ବେଳେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଧମକ ଦେଇଛନ୍ତି ଯେ ଯଦି ତେହେରାନ ହରମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ କରେ, ତେବେ ଆମେରିକା ଇରାନୀ ସେତୁ ଏବଂ ବିଦ୍ୟୁତ୍ କେନ୍ଦ୍ର ଉପରେ ଆକ୍ରମଣ ଆରମ୍ଭ କରିବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି ଯେ ଏବେ ଠାରୁ, ଯେତେବେଳେ ଇରାନ ହର୍ମୁଜ୍ ପ୍ରଣାଳୀରେ କୌଣସି ଜାହାଜ ଉପରେ କ୍ଷେପଣାସ୍ତ୍ର, ରକେଟ୍, ଡ୍ରୋନ୍ କିମ୍ବା ଅନ୍ୟ କୌଣସି ଉପକରଣ କିମ୍ବା ଅସ୍ତ୍ରଶସ୍ତ୍ର ଦ୍ୱାରା ଆକ୍ରମଣ କରିବ, ଆମେରିକା ରାଜଧାନୀ ତେହେରାନ ନିକଟରେ କିମ୍ବା ସେଠାରେ ଅବସ୍ଥିତ ସେତୁ କିମ୍ବା ପାୱାର ପ୍ଲାଣ୍ଟ ସମେତ ବୋମା ମାଡ଼ କରି ଧ୍ୱଂସ କରିବ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### ଧୂର୍ତ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଅତି ଧୂର୍ତ୍ତ ବହୁତ ଖରାପ। ତୁମେ ଯେତେ ଘୋଡାଇ ହେଲେବି ତୁମର ଧୂର୍ତ୍ତତାକୁ କେହିନା କେହି ଦେଖି ଚାଲିଛି। କେହି ନଦେଖିଲେ ବି ଈଶ୍ୱର ଦେଖୁଛନ୍ତି। ଏହାର କାରଣ ହେଉଛି ମୁର୍ଖତା। ଅନ୍ୟକୁ ହେୟ ଜ୍ଞାନ କରିବା। ଅହଂକାର କରିବା, ଅତିଧୂର୍ତ୍ତ ହିଁ ଅହଂକାର। ତେଣୁ ଦିନେ ନା ଦିନେ ତୁମର ଧୂର୍ତ୍ତ ବା ଚାଲାକ ପଣିଆ ସମାଜର ଆଦୃତ ହେବ। ପ୍ରତ୍ୟେକ ମୁହୂର୍ତ୍ତର କର୍ମ, ପ୍ରତ୍ୟେକ ଦିନର କର୍ମ, ପ୍ରତ୍ୟେକ ମାସର କର୍ମ, ପ୍ରତ୍ୟେକ ବର୍ଷର କର୍ମ ଭିତରେ ତୁମର ଧୂର୍ତ୍ତ ବୁଦ୍ଧିର ପାହାଡ ସାରା ଦେଶ ବା ବିଶ୍ୱରୁ ବ୍ୟାପିଯାଇ ତୁମକୁ ତୁମରି ଫାନ୍ଦରେ ହିଁ ପକାଇ ଲୋକ ଲୋଚନକୁ ଆଣିଦିଏ ତୁମକୁ କର୍ମଫଳ ଯେମିତି ଧୃତରାଷ୍ଟ୍ର ଜଣେ ଏତେ ବଡ ପ୍ରଭାବଶାଳୀ ମହାରାଜା ନିଜର ସଂସାରର ମୋହରେ ପଡି ନିଜର ସଂସାରକୁ ଛାରକାର କରିଦେଲା। ଏହା ହିଁ ସତ୍ୟ, ଯୁଗେ ଯୁଗେ ପ୍ରତିଯୁଗେ ଏହି ସନ୍ଦେଶ ଈଶ୍ୱର ଆମକୁ ଦେଇଚାଲିଛନ୍ତି। କିନ୍ତୁ ତଥାପି ଆମେ ଭୂଲବାଟରେ ଯାଉଛୁ। ଏହାର ତାତ୍ପର୍ଯ୍ୟ ହେ ଭକ୍ତରୂପେ ଭକ୍ତ କି ଶିଷ୍ୟ ହୁଅ ମନାନାହିଁ। କିନ୍ତୁ ତୁମ୍ଭେମାନେ ଅନ୍ୟର ଦୁଃଖକୁ ଦେଖି ପରିହାସ କରନାହିଁ କି ତୁମ ପରିଭକ୍ତକୁ କଷ୍ଟ ଦିଅନାହିଁ। କାୟ, ମନ, ବାକ୍ୟରେ ଆଉ ଯଦି ଦେଉଥାଅ ସେ ନିଆଁରୁ ତୁମକୁ କେହି ରକ୍ଷା କରିପାରିବେନାହିଁ। ତେଣୁ କଥାରେ ଅଛି "ଜୀବଟି ଜଗନ୍ନାଥ ହୋଇ ଅଗ୍ନିଟି ଅନନ୍ତ ଗୋସାଇଁ" ତେଣୁ ସାଧୁ ସାବଧାନ ନଚେତ୍ ଠକିଯିବଟି। ହରି ଓଁ।

# ପ୍ରଗତିଶୀଳ ସାହିତ୍ୟ: ସମାଜ ପାଇଁ ଅତ୍ୟାବଶ୍ୟକ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେ କୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ। ଇଉରୋପରେ ଅନୁଷ୍ଠିତ ରେନାଁସା ଠାରୁ ଆରମ୍ଭ କରି ଫରାସୀ ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାର ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧି ଆନ୍ଦୋଳନ ପର୍ଯ୍ୟନ୍ତ, ବୋଲଶେଭିକ୍ ଆନ୍ଦୋଳନ ଠାରୁ ଆରମ୍ଭ କରି ଚିନର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ, ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ। କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତ୍ତାକୁ ପୂରପଲ୍ଲୀରେ ପହଞ୍ଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ। ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି। ବର୍ତ୍ତମାନର ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି। ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି।

ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି। ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣାଦ୍ୱେଷଭାବ, ପାତରଅନ୍ତରଭାବ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ। ଏହା ସହିତ ନିର୍ଭୀକଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ। ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତି ହେବାପାଇଁ ବୌଦ୍ଧିକ ଖୋରାକ ଯୋଗାଉଥିବ। ମାନସିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ। ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ।

ଦୁଃଖର କଥା ଭାରତବର୍ଷ ତଥା ଓଡିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ। ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ କାଁଭାଁ ଭାବେ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂର ପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ। ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢି ଉଠିଥିବା ବୌଦ୍ଧିକ ଭିତ୍ତିଭୂମିକୁ ଦୋହଲାଇ ପାରିନାହିଁ। ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ। ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି। ତେଣୁ ଏହା ଅଦ୍ୟାବଧି ସାମାଜିକ ବିପ୍ଳବର ଭିତ୍ତିଭୂମି ତିଆରି କରିବାକୁ ସକ୍ଷମ ହୋଇପାରି ନାହିଁ। ଏଯାଏଁ ଯେତେ ସାହିତ୍ୟ ସୃଜନ ହୋଇଛି, ତା ମଧ୍ୟରୁ ସଂଖ୍ୟାଧିକ ଜାତିଗତ ଓ ଏହାକୁ ସମର୍ଥନ କରୁଥିବା ସାଂସ୍କୃତିକ ଚେତନାକୁ ବଳ ଦେଇଆସିଛି। ଜାତିଗତ ଅସମାନତା ଓ ବିଭେଦକୁ ଯଥାର୍ଥ ବୋଲି ସ୍ଥାପନ କରିବାର ପ୍ରୟାସ କରିଛି। ପ୍ରସାରିତ ହେଉଥିବା ଗଣମାଧ୍ୟମ ଓ ପତ୍ରପତ୍ରିକା ଗୁଡିକ ମଧ୍ୟ ଏଥିରୁ ବାଦ ନୁହଁନ୍ତି।

ଅତୀତରେ ବହୁ ମହାମନିଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାଁନ୍ତି। ଏହାର କାରଣ ହେଉଛି ଏବେବି ସାହିତ୍ୟିକମାନେ ଜାତିବାଦୀ ଓ ମୌଳବାଦୀ ବିଚାରଧାରାରୁ ମୁକୁଳି ପାରି ନାହାଁନ୍ତି। ତେଣୁ ସ୍ଥାଣୁ ସାହିତ୍ୟ ପ୍ରଧାନ୍ୟ ବିସ୍ତାର କରି ରହିଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ। ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାଇ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ନୂତନତାର ଛାପ ନଥାଏ। ସାହିତ୍ୟିକମାନେ ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ବ୍ୟସ୍ତ। ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ। ତଥାପି ଏମାନେ ସାହିତ୍ୟିକ। କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜଡା ଯାଏ। ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି। ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାଇ ରଖିବାରେ ସହାୟକ ହୁଅନ୍ତି।

ସମାଜର ବ୍ୟବସ୍ଥାଗତ ତ୍ରୁଟି ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇ ପାରେ। ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହଯାଏ। ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ। ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗଦର୍ଶନ ଦେବାରେ ସହାୟକ ହୁଏ। ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିସୃତ ହେବା ସ୍ୱାଭାବିକ। ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ। ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ। ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିବାକୁ ହେବ। ବର୍ତ୍ତମାନର ପରିପ୍ରେକ୍ଷୀରେ ପୂର୍ବବ୍ୟବସ୍ଥା ସହିତ ବୁଝାମଣା ଭିତ୍ତିରେ ସାହିତ୍ୟର ସୃଜନ ହେଉଛି।

ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା ଉପରେ ନିର୍ଭର କରେ ନାହିଁ। ତାହାର ସଫଳତା ସେ କେତେ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ଲୋକଙ୍କ ହୃଦୟରେ କେତେ ସମ୍ବେଦନଶୀଳତାକୁ ଜାଗ୍ରତ କରିପାରିଛି। ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରିପାରିଛନ୍ତି। ଏଠାରେ ହ୍ୟାରିଏଟ୍ ଷ୍ଟୋଙ୍କ 'ଅଙ୍କଲ ଟମସ୍ କ୍ୟାବିନ' ବହିଟି ଉଲ୍ଲେଖ ଯୋଗ୍ୟ। ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥାର ଉଚ୍ଛେଦ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ୍ କକାଙ୍କ କୁଟୀର'। ଇୟୁରୋପରେ ରୁଷୋ, ଭୋଲଟିୟର, ମଣ୍ଟେସ୍କୁ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ଇଉରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା। ମ୍ୟାକ୍ସିମ୍ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ୍ ଯୋଗାଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ'। ସେହିପରି ସୁପ୍ରସିଦ୍ଧ ବେଙ୍ଗଲୀ ଲେଖିକା ତସଲିମା ନସରୀନଙ୍କ ବହୁ ଚର୍ଚ୍ଚିତ ବେଙ୍ଗଲୀ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ। ଏହାର ମଧ୍ୟ ଓଡ଼ିଆ ଅନୁବାଦ ରହିଛି। ଏହିପରି ଅନେକ ଲେଖକ ଓ ଲେଖିକାଙ୍କ ପ୍ରଗତିଶୀଳ ସୃଷ୍ଟି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ଏବଂ ବୈପ୍ଳବିକ ପ୍ରେରଣାକୁ ବଞ୍ଚାଇ ରଖିଛି। ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି। ଯାହାର ଲୋକପ୍ରିୟତା ଜାତିବାଦୀ ଲେଖନୀ ଓ ଜାତିବାଦୀ ଲେଖକଙ୍କ ମନ୍ଦ ଦୃଷ୍ଟିତଳେ ଚାପିହୋଇ ଯାଇଛି। ଏବେ କାଳକ୍ରମେ ଏଗୁଡିକର ମହତ୍ତ୍ୱ ପ୍ରସ୍ଫୁଟିତ ହେଉଥିବା ପରି ଅନୁଭୂତ ହେଉଛି। ଏଗୁଡିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରୀ' ଅନ୍ୟତମ। ଯେଉଁଥିରେ ସେ ଜାତିବ୍ୟବସ୍ଥାର ଅନୈତିକତା ଓ ସମାଜର ତଳ ସ୍ତରର ଲୋକମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି। ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତ୍ତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର କରେ। ସେହିପରି ଡ. ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ୍ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି। ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ। ସେହିପରି ଓଡିଶାରେ ସନ୍ଥକବି ଭୀମଭୋଇଙ୍କ କବିତାଗୁଡିକ ପ୍ରାୟତଃ ପ୍ରଚଳିତ ବ୍ୟବସ୍ଥାର କଟୁ ସମାଲୋଚନା ଏବଂ ନୂତନ ଉତ୍କୃଷ୍ଟତାର ବାର୍ତ୍ତାବହ। ହେଲେ ତାଙ୍କ ଲେଖନୀ ଯଥା ସମ୍ମାନ ପ୍ରାପ୍ତ ହୋଇନାହିଁ। ସେହିପରି ବ୍ୟାସକବି ଫକିରମୋହନ ସେନାପତିଙ୍କ ଅଧିକାଂଶ ଲେଖନୀରେ ପରିବର୍ତ୍ତନର ବାର୍ତ୍ତା ସ୍ପଷ୍ଟ ବାରିହୁଏ, କିନ୍ତୁ ତାଙ୍କ ଅନୁଗାମୀ ସାହିତ୍ୟିକମାନେ ଏଦିଗଟିକୁ ଅନାଲୋଚିତ ରଖନ୍ତି। ଏହାବାଦେ ବି ଆହୁରି କିଛି ବିପ୍ଳବୀ ସାହିତ୍ୟି ଓଡ଼ିଆରେ ସୃଷ୍ଟି ହୋଇଛି, ଯାହା ପାଠକଙ୍କ ନିକଟରେ ପହଞ୍ଚିବାକୁ ଦିଆଯାଇ ନାହିଁ। ଏହା ସ୍ୱୀକାର୍ଯ୍ୟ ଯେ ଭାରତବର୍ଷ ତଥା ଓଡିଶାରେ ପ୍ରଗତିଶୀଳ ଲେଖନୀର ପ୍ରଚୁର ଅଭାବ ରହିଛି। ଏଦିଗରେ ସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ। ଆମ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାକୁ ହେଲେ ଏଦିଗରେ ମନନ ଜରୁରୀ। ଯେଉଁମାନେ ବି ଲେଖନୀ ଚାଳନା କରିଛନ୍ତି ସେମାନେ ଏ ଉତ୍ତରଦାୟିତ୍ୱକୁ ଅଣଦେଖା କରିବା ଅନୁଚିତ।

# ରଥରେ 'ଚାରମାଳ'



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ

ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ମୁଖ୍ୟ ଯାତ୍ରା ହେଉଛି ରଥଯାତ୍ରା। ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରା। ଶ୍ରୀମନ୍ଦିର ରଥର ନିର୍ମାଣ କୌଶଳ ଯେତିକି ଭିନ୍ନ, ବିଭିନ୍ନ ଅଂଶର ନାମକରଣ ସେତିକି ରୋଚକ। ରଥ ଚକ ଠାରୁ ଆରମ୍ଭ କରି ଅଗ୍ର ଭାଗରେ କନା ପର୍ଯ୍ୟନ୍ତ ପ୍ରତ୍ୟେକଟି ଅଂଶର ନାମ ଭିନ୍ନଭିନ୍ନ ରହିଥାଏ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସନ୍ଦର୍ଶନ କରିବା ପାଇଁ ସତେ ଯେମିତି ଦେବଦେବୀଙ୍କ ସହିତ ସମଗ୍ର ଜୀବଜଗତ ଏକାଠି ହୁଅନ୍ତି। ଏହି ସମୟରେ ଗୋଟିଏ ସାଧାରଣ ଜିନିଷ ଯାହା ଅସାଧାରଣ କାର୍ଯ୍ୟ ପାଇଁ ବ୍ୟବହୃତ ହୁଏ,ତାହା ହେଉଛି 'ଚାରମାଳ'। ରଥଯାତ୍ରା ସମୟରେ ଶ୍ରୀଜୀଉମାନେ ରଥକୁ ପହଣ୍ଡିରେ ଯିବା ଓ ରଥ ଗୁଣ୍ଡଚା ମନ୍ଦିର ନିକଟ ଶରଧାବାଲିରେ ପହଞ୍ଚିବା ପରେ ରଥରୁ ଓହ୍ଲାଇବା, ବାହୁଡା ଯାତ୍ରା ଦିନ ରଥରେ ପୁଣି ବଡଦାଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବା, ନିଳାଦ୍ରୀ ବିଜେ ଦିନ ରତ୍ନ ସିଂହାସନକୁ ବିଜେ କରିବା ସମୟରେ ଚାରମାଳ ହିଁ ଏକମାତ୍ର ମାଧ୍ୟମ। କହିବାକୁ ଗଲେ ଚାରମାଳ ହିଁ ଶ୍ରୀଜୀଉମାନଙ୍କ ପାଇଁ ସିଡି ବା ପାହାଚ ଭାବେ କାମ କରିଥାଏ। ଚାରମାଳ ଉପର ଦେଇ କେବଳ ଠାକୁର ନୁହନ୍ତି ବରଂ ରଥ ସେବକଙ୍କ ସମେତ ସାରଥୀ, ଶ୍ରୀଜୀଉଙ୍କ ସିନ୍ଦୁକ ଆଦି ରଥ ଉପରକୁ ଯାଇଥାନ୍ତି।

ନୀଳାଦ୍ରି ବିଜେ ଦିନ ବଡ ଠାକୁର ଓ ମା' ସୁଭଦ୍ରା ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ସାରିବା ପରେ ଆରମ୍ଭ ହୋଇଥାଏ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି। ପହଣ୍ଡିର ଆଦ୍ୟ ପର୍ବରେ ମହାପ୍ରଭୁ ଚାରମାଳରେ ଉପସ୍ଥିତ ଥିବା ବେଳେ ମାଲକ୍ଷ୍ମୀ ମହାପ୍ରଭୁଙ୍କ ଆଗମନ ଖବର ପାଇ ଭେଟମଣ୍ଡପକୁ ଆସି ହୃଦୟରେ ଅଜସ୍ର ଶ୍ରଦ୍ଧା ଓ ମନରେ ଗଭୀର ଅଭିମାନ ରଖି ଜଗତରନାଥ ମହାପ୍ରଭୁ ଜଗନ୍ନାଥଙ୍କୁ ଅବଲୋକନ କରିଥାନ୍ତି। ଏହି ଚାରମାଳ ହେଉଛି ତାଳ ଗଛର ଗଣ୍ଡି। ତାଳ ଗଛର ପଟା ଓ ନଡିଆ କତାକୁ ନେଇ ଚାରମାଳ ତିଆରି ହୋଇଥାଏ। ତାଳ ଗଛ ସବୁ ପୁରୀ ସହର ଆଖପାଖ, ଡେଲାଙ୍ଗ, କଣାସ ଆଦି ଅଞ୍ଚଳରୁ ଅଣାଯାଇଥାଏ। ଅନେକ ଭକ୍ତ ମଧ୍ୟ ନିଜ କ୍ଷେତବାଡିରେ ଥିବା ତାଳ ଗଛକୁ ବିନା ମୂଲ୍ୟରେ ଶ୍ରୀମନ୍ଦିରକୁ ଯୋଗାଇ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ଚାରମାଳର ତିଆରି କୌଶଳ ନିଆରା। ଯେଉଁ ତାଳ ଗଛର ବୟସ ପଚାଶ ବର୍ଷରୁ ଅଧିକ ହୋଇଥାଏ ତାହା ହିଁ ଚାରମାଳ ପାଇଁ ବ୍ୟବହୃତ ହୋଇଥାଏ। ଯେଉଁ ତାଳ ଗଛ ମୂଳ ଆଉ ଅଗ୍ର ଭାଗ ଯାଏ ସିଧା ହୋଇଥାଏ ସେହି ତାଳ ଗଛକୁ ଚାରମାଳ ପାଇଁ କଟା ଯାଇଥାଏ। ତାଳ ଗଛ କଟା ଯିବା ପରେ ଭିତର ଅଂଶ ଯଦି ଧଳା ହୋଇଥାଏ ତାହା ଚାରମାଳ ପାଇଁ ବ୍ୟବହାର ଯୋଗ୍ୟ ହୁଏ ନାହିଁ। କେବଳ ଭିତର କଳା ଅଂଶ ଥିବା ତାଳ ଗଛ ଚାରମାଳ ପାଇଁ ବ୍ୟବହାର ଯୋଗ୍ୟ ହୁଏ। ଚାରମାଳ ତିଆରି ସମୟରେ ନଡିଆ କତାକୁ ଖୁବ ଶକ୍ତ ଭାବରେ ବନ୍ଧା ଯାଇଥାଏ। ଗତ ଦୁଇ ବର୍ଷ ତଳେ ଶରଧାବାଲିରେ ତାଳଧ୍ୱଜ ରଥର ଚାରମାଳ ଉପରୁ ବଡଠାକୁର ପଡିଯିବା ଫଳରେ ଅନେକ ସେବାୟତ ଚାପି ହୋଇ ରହିଯାଇଥିଲେ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଚଳିତ ବର୍ଷ ଚାରମାଳ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ପରମ୍ପରା ଅନୁସାରେ ଆଠ ପ୍ରକାର ସେବକ ନିଯୁକ୍ତ ହୋଇଥାନ୍ତି। ସେମାନଙ୍କର ସମ୍ମିଳିତ ଶ୍ରମ ଦାନରେ ନିର୍ମାଣ ହୋଇଥାଏ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ। ରଥ ଗଢା ଠାରୁ ରଥ ଭଙ୍ଗା ପର୍ଯ୍ୟନ୍ତ ଭୋଇ ସେବକ ସାହାଯ୍ୟ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିର ୫୭ ନମ୍ବର ସେବାରେ ଭୋଇମାନଙ୍କ ସେବା ସମ୍ପର୍କରେ ଉଲ୍ଲେଖ ଅଛି। ରଥ ଟଣା ସମୟରେ ବ୍ରେକ୍ ଦଉଡି ତାଙ୍କ ଦାୟିତ୍ୱରେ ରହିଥାଏ। ଗୁଣ୍ଡିଚା ଯାତ୍ରା ଓ ବାହୁଡା ଦିନ ମହାପ୍ରଭୁଙ୍କ ପହଣ୍ଡି ପୂର୍ବରୁ ଚାରମାଳକୁ ଭୋଇ ସେବକମାନେ ରଥରେ ବାନ୍ଧିଥାନ୍ତି ଓ ଗଜପତି ମହାରାଜାଙ୍କ ଛେରାପହଁରା ପରେ ରଥରୁ ଖୋଲିଥାନ୍ତି।

# ଧର୍ମ: ନେତି-ନେତିରୁ ବ୍ୟବସାୟ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ରାମ ମନ୍ଦିର ଚୋରିକୁ ନେଇ ଅତ୍ର ଯତ୍ର ସର୍ବତ୍ର ଚର୍ଚ୍ଚା ଚାଲିଛି। ମନ୍ଦିର ଈଶ୍ୱର ଓ ଦାନ ଉପରେ ସନାତନ ପରମ୍ପରା କ'ଣ କୁହେ ସେ କଥା ମଧ୍ୟ ଜାଣିବା ଉଚିତ୍। ସନାତନ ପରମ୍ପରାରେ ଈଶ୍ୱରଙ୍କୁ କେବେ କୌଣସି ଏକ ଦେବାଳୟ (ମନ୍ଦିର)ର ପରିଧି ମଧ୍ୟରେ ବାନ୍ଧି ରଖାଯାଇ ପାରିବ ନାହିଁ। ଈଶ୍ୱର ବୃକ୍ଷର ଛାୟାରେ, ନଦୀର ଧାରାରେ, ଅଗ୍ନିର ଜ୍ୱାଳାରେ ଏପରିକି ଆକାଶର ନିସ୍ତବ୍ଧତାରେ ମଧ୍ୟ ବିଦ୍ୟମାନଥିଲେ ଓ ଏବେବି ବିଦ୍ୟମାନ ଅଛନ୍ତି। ମନୁଷ୍ୟର ଅନ୍ତଃକରଣରେ ମଧ୍ୟ ଈଶ୍ୱର ବିଦ୍ୟମାନ। ଈଶ୍ୱର ବସ୍ତୁ ନୁହଁନ୍ତି ସେ ହେଉଚନ୍ତି ଅନୁଭବ ଚେତନା। ଈଶ୍ୱର ସଂଗ୍ରହ ନୁହଁନ୍ତି। ଆଜିର ସମୟର ବିଡ଼ମ୍ବନା ହେଉଛି ଯେଉଁ ଅସ୍ତିତ୍ୱକୁ ମୁନି ଋଷିମାନେ 'ନେତି-ନେତି' କହି ସମସ୍ତ ସୀମାର ଉପରେ ସ୍ଥାପିତ କରିଥିଲେ ଆଜି ତାକୁ ଆମେ ସ୍ୱର୍ଣ୍ଣ-ମଣ୍ଡିତ ଶିଖରରେ, ଅଭେଦ୍ୟ ସ୍ଥାନରେ ଏପରିକି ସଂଗଠିତ ପ୍ରବନ୍ଧନ ଭିତରେ ଖୋଜିବାରେ ଲାଗିଛେ। ଏହା ଧାର୍ମିକ ସଂରଚନାର ବିସ୍ତାର ନୁହେଁ ବରଂ ମନୁଷ୍ୟର ଚେତନାରେ ଘଟିତ ଏକ ସୂକ୍ଷ୍ମ ବିସ୍ଥାପନ ଅଟେ ଯେଉଁଠି ଆଧାତ୍ମ ମଧ୍ୟ ଧିରେ ଧିରେ ବଜାରର ଭାଷା ଶିଖିଗଲାଣି।

ଧର୍ମ ସେ ପର୍ଯ୍ୟନ୍ତ ଜୀବନ୍ତ ରହିଥାଏ ଯେପର୍ଯ୍ୟନ୍ତ ସେ ମନୁଷ୍ୟକୁ ଗଭୀରତମ ଯାତ୍ରା ପର୍ଯ୍ୟନ୍ତ ନେଇ ଯାଇଥାଏ। ଯେତେବେଳେ ଏହା ବାହାରର ଭବ୍ୟତାରେ ଉପାସକ ପାଲଟିଯାଏ ତାର କେନ୍ଦ୍ର ବଦଳିବାରେ ଲାଗେ। ଏଭଳି ହେଲେ ମନ୍ଦିର କେବଳ ପୂଜା ଅର୍ଚ୍ଚନାର ସ୍ଥାନ ଭାବେ ରହେନାହିଁ ଏହା ପ୍ରତିଷ୍ଠା, ପ୍ରଭାବ ଏବଂ ସଂଶାଧନର ପ୍ରତୀକ ପାଲଟି ଯାଇଥାଏ। ଶ୍ରଦ୍ଧାର ଉଚ୍ଚତା ଅନ୍ତଃକରଣର ନିର୍ମଳତାର ସ୍ଥାନ ବଦଳରେ ଦାନପାତ୍ରର ଗଭୀରତାର ଆଧାରରେ ହେବାରେ ଲାଗିଛି ଏବଂ ଦାନ କୁ ନେଇ ଚିନ୍ତା ଅଧିକ ହେବାରେ ଲାଗିଛି ଯେପରି ବ୍ୟବସାୟ ପ୍ରତିଷ୍ଠାନର ଲାଭ କମିଲେ ବ୍ୟବସାୟୀ ଚିନ୍ତାରେ ପଡିଯାଏ। ଏହି ସ୍ଥଳରେ ଧର୍ମ ମୌନ ହୋଇଯାଏ ଓ ବଜାର ବ୍ୟବସାୟ ବଢ଼ିଚାଲେ। ଏଭଳି ପରିବର୍ତ୍ତନର ସବୁଠାରୁ ବଡ଼ କାରଣ ହେଉଛି ମନୁଷ୍ୟର ଧାର୍ମିକ ମନୋବିଜ୍ଞାନ ବଦଳିଯିବା। ଧାର୍ମିକ ମନୋବିଜ୍ଞାନ ବଦଳିଗଲେ ପ୍ରାର୍ଥନା ଆତ୍ମସମର୍ପଣ ନୁହେଁ ଆଶା ବା ଅପେକ୍ଷାର ଅନୁବନ୍ଧ ପାଲଟିଯାଇଥାଏ।

ସମୟଥିଲା ମନୁଷ୍ୟ ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରି ନିଜକୁ ରିକ୍ତ କରିବା ପାଇଁ ଯାଉଥିଲା କିନ୍ତୁ ଏବେ ଇଚ୍ଛା ବା ଆଶାର ଏକ ଲମ୍ବା ତାଲିକା ନେଇ ଈଶ୍ୱରଙ୍କ ପାଖକୁ ଯାଉଛି। ମନ୍ଦିରକୁ ଯାଇ ଈଶ୍ୱରଙ୍କ ଆଗରେ ମଣିଷ ହାତକୁ ଯୋଡ଼େ କିନ୍ତୁ ଭିତରେ ଏକ ଅଦୃଶ୍ୟ ଗଣିତ ଚାଲିଥାଏ ଯେ କେତେ ଅର୍ପଣ କରିବି, କେତେ ଅର୍ପଣ କଲେ କୃପା କେତେ ମିଳିବ, କେତେ ଦେଲେ ପ୍ରତିଫଳ କେତେ ମିଳିବ ଇତ୍ୟାଦି। ଏଭଳି ସମୟରେ ଶ୍ରଦ୍ଧା ଅଜାଣତରେ ଏକ ସଉଦା (କିଣାବିକା)ରେ ରୂପାନ୍ତରିତ ହୋଇ ଯାଇଥାଏ। ବଜାରର ସବୁଠାରୁ ପୁରୁଣା ସିଦ୍ଧାନ୍ତ - 'ନିବେଶ ଏବଂ ପ୍ରତିଫଳ' ଧିରେ ଧିରେ ଧର୍ମ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାରେ ଲାଗିପଡେ। ଏହି ମନୋବୃତ୍ତି ଯୋଗୁଁ ଛଦ୍ମ ଆଧାତ୍ମିକ ସାମ୍ରାଜ୍ୟ ବଢ଼ିଚାଲେ ଯାହାର ଜଡ଼ ବୈରାଗ୍ୟରେ ନୁହେଁ ମହତ୍ୱାକାଂକ୍ଷୀ ସ୍ୱାର୍ଥ ଉପରେ ଗଢ଼ି ଉଠିଥାଏ।

ଶାସ୍ତ୍ର ପୁରାଣ ଓ ଇତିହାସ ଅନୁସାରେ ସଂସାରତ୍ୟାଗ କରିଥିବା ବ୍ୟକ୍ତିଙ୍କୁ ସାଧୁ କୁହାଯାଏ। କିନ୍ତୁ ଏବେ ଅନେକ ସାଧୁଙ୍କ ବେଶ ଧାରଣକାରୀଙ୍କୁ ଦେଖିବାକୁ ମିଳୁଛି। ଗେରୁଆ ବସ୍ତ୍ର ତ୍ୟାଗର ନୁହେଁ ପ୍ରଭାବର ପୋଷାକ (ପରିଧାନ) ପାଲଟିଯାଇଛି ଏବଂ ବାଣୀ (କଥା ବା ବକ୍ତବ୍ୟ)ରେ ବିରକ୍ତି ଭାବ ଅଧିକ ଏବଂ ଜୀବନରେ ବୈଭବ ଚିନ୍ତା। କିନ୍ତୁ ମୁହଁରେ ଅଧ୍ୟାତ୍ମର କଥା ଥାଏ ଓ ମନ ଭିତରେ ବିସ୍ତାରର ଯୋଜନା ରହିଥାଏ। ଭୟ, ରୋଗ, ଅସଫଳତା ଏବଂ ଭବିଷ୍ୟତର ଚିନ୍ତା ହେଉଛି ମନୁଷ୍ୟର ଦୁର୍ବଳତା ଓ ଏହି ଦୁର୍ବଳତାକୁ ପୁଞ୍ଜି କରି ଆଧାତ୍ମିକତାର ଏକ ସମାନ୍ତର ବ୍ୟବସାୟ ଠିଆ ହୋଇଥାଏ। ବିଡ଼ମ୍ବନା ହେଉଛି ମନୁଷ୍ୟ ଭିତରେ ଯେତିକି ଶୂନ୍ୟସ୍ଥାନ ବଢ଼େ ବଜାର ବା ବ୍ୟବସାୟର ଚମକର ଆବଶ୍ୟକତା ସେତିକି ବଢ଼ିବାରେ ଲାଗେ। ଏକଦା ମନ୍ଦିର ଏମିତି ଏକ ସ୍ଥାନଥିଲା ଯେଉଁଠି ଭେଦ-ଭାବ ନଥିଲା, ସେଠି ନା ପଦ ପଦବୀର ଅର୍ଥଥିଲା ନା ଧନର, ନା ଜାତି ସାମର୍ଥ୍ୟର କିଛି ମୂଲ୍ୟ ଥିଲା। ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ଇଚ୍ଛା ପୂରଣର ମାଧ୍ୟମ ବୋଲି ମାନି ନେଉ। ସେତେବେଳେ ଧର୍ମର ବଜାରୀ କରଣ ଆରମ୍ଭ ହୋଇଗଲା। ଯେଉଁ ଦିନ ମଣିଷ ସମଭାବର ମୂଳ ଧାରଣାକୁ ବିରୋଧ କରି ଈଶ୍ୱରଙ୍କ ପାଖକୁଯାଏ ସେତେବେଳ ଏକ ଏକି ବ୍ୟବସ୍ଥାରେ ପରିଣତ ହୋଇଯାଏ। ସଂସାରର ଅସମାନତା (ଜାଲ) ମଧ୍ୟରେ ଥକି ପଡିଥିବା ମନୁଷ୍ୟଯଦି ମନ୍ଦିରରେ ସମାନତାରେ ଅନୁଭବ କରିନପାରେ ତେବେ ସମାନତାକୁ ଆଉ କେଉଁଠି ଖୋଜିପାରିବ?

ଯଦି କେବେ ଦାନ ପାତ୍ରରେ ଦାନ ପକାଇବା କଥା ସମାପ୍ତ ହୋଇଯାଏ, ଭି.ଆଇ.ପି ଦର୍ଶନର ବ୍ୟବସ୍ଥା ବନ୍ଦ ହୋଇଯାଏ ଏବଂ ଅଧ୍ୟାତ୍ମ ନାମରେ ଠିଆ ହୋଇଥିବା ସବୁ ବ୍ୟବସାୟିକ ଢ଼ା । ଭାଙ୍ଗିଯାଏ ସେତେବେଳେ ଆସ୍ଥା ଭିତରେ ପ୍ରତିଷ୍ଠିତ ବ୍ୟକ୍ତି ଅଧିକ ବିଚଳିତ ହେବ ନାହିଁ। ଯାହାର ପ୍ରାର୍ଥନା କୌଣସି ମଧ୍ୟସ୍ଥର ଆବଶ୍ୟକତା କରେ ନାହିଁ ସେ ବି ବିଚଳିତ ହେବ ନାହିଁ। ଈଶ୍ୱର କୌଣସି ପ୍ରମାଣପତ୍ର, କୌଣସି ଟିକେଟ ବା କୌଣସି ବିଶେଷ ମାର୍ଗରେ ଉପଲବ୍ଧ ହୋଇନଥାନ୍ତି। ଯାହାର ସ୍ଥିତି ଶ୍ରଦ୍ଧାର ବ୍ୟବସାୟ ଉପରେ ତିଷ୍ଠି ରହିଛି ସେମାନଙ୍କ ପାଇଁ ଦାନର ଗୁରୁତ୍ୱ ଅଧିକ ରହିଛି। ଆସ୍ଥା ଓ ବିଶ୍ୱାସକୁ ନେଇ ବ୍ୟବସାୟ କରୁଥିବା ଲୋକଙ୍କ ଆଧାର ଈଶ୍ୱର ନୁହଁନ୍ତି। ମନୁଷ୍ୟର ଈଶ୍ୱରଙ୍କ ପ୍ରତି ଭକ୍ତି କମିବାରେ ଲାଗିଛି କନ୍ତୁ ଭୟ କାରଣରୁ ଅନ୍ଧବିଶ୍ୱାସ ବଢ଼ିବାରେ ଲାଗିଛି।

ବାସ୍ତବିକ୍ ପ୍ରଶ୍ନ ମନ୍ଦିରର ନୁହେଁ ମନୁଷ୍ୟର ଚେତନାର ପ୍ରଶ୍ନ ଅଟେ। ଯେବେ ମନୁଷ୍ୟ ଈଶ୍ୱରଙ୍କୁ ମନକାମନା ପୁରଣର ମାଧ୍ୟମ ବୋଲି ମାନିନିଏ ସେବେଠାରୁ ଧର୍ମର ବ୍ୟବସାୟୀ କାରଣ ଆରମ୍ଭ ହୋଇଯାଏ। କିନ୍ତୁ ଯେଉଁଦିନ ମନୁଷ୍ୟ ଈଶ୍ୱରଙ୍କୁ ନିଜର ଅନ୍ତଃକରଣର ଆଲୋକ ଭାବେ ଅନୁଭବ କରେ ସେତେବେଳେ ସମସ୍ତ ବ୍ୟାପାର ସ୍ୱତଃ ସମାପ୍ତ ହୋଇଯାଇଥାଏ। ଶ୍ରଦ୍ଧାର କୌଣସି ମୂଲ୍ୟ ନାହିଁ, ଶ୍ରଦ୍ଧା ମୌନ ଏବଂ ଏହି ମୌନ ବଜାର ବା ବ୍ୟବସାୟର ଉର୍ଦ୍ଧ୍ୱରେ ଧର୍ମର ବଡ଼ ପ୍ରାମାଣିକ ସ୍ତରଅଟେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ନୀରବତାର କୋଳାହଳ



**ଡ. ସନ୍ତୋଷ କୁମାର ପଣ୍ଡା**

ରାତି ବଢ଼ିବା ସହିତ କନ୍ଦରପୁରର ସେଇ ପୁରୁଣା ବଙ୍ଗଳା ଚାରିପାଖେ ନୀରବତା ଆହୁରି ଘନେଇ ଆସୁଥିଲା। ବାହାରେ ଝିପିଝିପି ବର୍ଷା ଆଉ ପବନର ସୁ..ସୁ.. ଶବ୍ଦ। ଘର ଭିତରେ କେବଳ ଘଡ଼ିର 'ଟିକ୍ ଟିକ୍' ଶବ୍ଦ ଛାତିର ସ୍ପନ୍ଦନକୁ ବଢ଼େଇ ଦେଉଥିଲା।

ଲେଖକ ଅବିନାଶ ବାବୁ ତାଙ୍କ ପଢ଼ାଘର ଚେୟାରରେ ବସି ରହସ୍ୟାବୃତ ଭାବେ ଝରକା ବାହାରକୁ ଚାହିଁଥିଲେ। ଠିକ୍ ସେତିକିବେଳେ ପଛରୁ ଏକ ଶୀତଳ ସ୍ପର୍ଶ ସେ ଅନୁଭବ କଲେ। ଚମକି ପଡ଼ି ପଛକୁ ବୁଲି ଚାହିଁଲେ, କିନ୍ତୁ ସେଠି କେହି ନଥିଲେ। କେବଳ ପବନରେ ପରଦାଟା ଝୁଲୁଥିଲା।

'କିଏ? କିଏ ଅଛ ସେଠି?' ଅବିନାଶଙ୍କ ସ୍ୱରରେ ସାମାନ୍ୟ କମ୍ପନ ଥିଲା।

କୌଣସି ଉତ୍ତର ମିଳିଲାନି। କିନ୍ତୁ କିଛି ମୁହୂର୍ତ୍ତ ପରେ, ଘରର କୋଣରୁ ଏକ ଅସ୍ପଷ୍ଟ ଫୁସୁଫୁସୁ ଶବ୍ଦ ଶୁଭିଲା। ସେଇ ନୀରବତା ଭିତରେ ଶବ୍ଦଟା ସତେ ଯେମିତି କାନର ପରଦା ଫାଟିଗଲା ଭଳି ଲାଗୁଥିଲା। ଅବିନାଶ ଟେବୁଲ୍ ଲ୍ୟାମ୍ପଟାକୁ ହାତରେ ଧରି ସେଇ ଅନ୍ଧାରୁଆ କୋଣ ଆଡ଼କୁ ବଢ଼ିଲେ।

ହଠାତ୍ ସେଇ ଶୂନ୍ୟତାରୁ ଗୋଟିଏ କର୍କଶ, ହୃଦୟଥରା ହସର ସ୍ୱର ଗୁଞ୍ଜରି ଉଠିଲା। ସେ କୌଣସି ମଣିଷର ସ୍ୱର ନଥିଲା, ବରଂ ଅନେକଗୁଡ଼ିଏ କଣ୍ଠସ୍ୱର ଏକାଠି ମିଶି ଚିତ୍କାର କଲାଭଳି ଶୁଭୁଥିଲା।

ଅବିନାଶ ପଛକୁ ହଟିଯାଇ ଚିତ୍କାର କଲେ, 'ସାମ୍ନାକୁ ଆସ! ଲୁଚିଛ କାହିଁକି?'

ଅନ୍ଧାର ଭିତରୁ ଏକ ଛାୟାଚିତ୍ର ଧୀରେ ଧୀରେ ସ୍ପଷ୍ଟ ହେବାକୁ ଲାଗିଲା। ସେହି ଅବୟବର ଆଖି ଦୁଇଟି ନିଆଁ ଭଳି ଜଳୁଥିଲା। ସେ ଅବିନାଶଙ୍କ ଆଡ଼କୁ ଚାହିଁ ଏକ ରହସ୍ୟମୟ ହସ ହସିଲା।

ଛାୟାଚିତ୍ର (ଗମ୍ଭୀର ଓ ଶୀତଳ ସ୍ୱରରେ): 'ଭୟ କରୁଛ ଅବିନାଶ? ତୁମେ ତ ସବୁବେଳେ ନିଃଶବ୍ଦତାକୁ ଭଲ ପାଉଥିଲ। ଆଜି ଏଇ ନୀରବତା କାହିଁକି ତୁମକୁ ସହ୍ୟ ହେଉନି?'

ଅବିନାଶ (ଛେପ ଢୋକି, ସାହସ ସଞ୍ଚୟ କରି): 'ତୁମେ... ତୁମେ କିଏ? ଏଠାକୁ କେମିତି ଆସିଲ? ମୋ ଘରୁ ଚାଲିଯାଅ!'

ଛାୟାଚିତ୍ର (ହସି ହସି): 'ମୁଁ କେଉଁ ବାହାରୁ ଆସିନାହିଁ। ମୁଁ ସେଇ ଅତୀତ, ଯାହାକୁ ତୁମେ ବର୍ଷ ବର୍ଷ ଧରି ଏଇ ବଙ୍ଗଳାର ମାଟି ତଳେ ଚାପି ରଖିଛ। ଯେଉଁ ସତ୍ୟକୁ ତୁମେ ନିଜ ନୀରବତା ପଛରେ ଲୁଚେଇ ରଖିଥିଲ, ଆଜି ସେଇ ନୀରବତା ନିଜର ଶହ ଶହ ସ୍ୱର ନେଇ ଚିତ୍କାର କରୁଛି।'

ଅବିନାଶଙ୍କ କପାଳରୁ ଗମ୍‌ଗମ୍ ହୋଇ ଝାଳ ବୋହିଗଲା। ପନ୍ଦର ବର୍ଷ ତଳର ସେଇ ଭୟଙ୍କର ରାତିର ଦୃଶ୍ୟ ତାଙ୍କ ଆଖି ସାମ୍ନାରେ ଭାସିଉଠିଲା। ସେଦିନର ସେଇ ପାପ, ସେଇ ଚିତ୍କାରକୁ ସେ ନିଜ କ୍ଷମତା ବଳରେ ନୀରବ କରିଦେଇଥିଲେ।

ଅବିନାଶ (ଆଣ୍ଠେଇପଡ଼ି, ବିକଳ ସ୍ୱରରେ): 'ମତେ କ୍ଷମା କରିଦିଅ... ମୁଁ ସେଦିନ ତୁମ ସହ ବିଶ୍ୱାସଘାତକତା କରି ପାଠକ ଓ ପ୍ରକାଶକମାନଙ୍କ ସାମ୍ନାରେ ତୁମକୁ ପାଗଳ ବୋଲି ପ୍ରମାଣିତ କରିଦେଇଥିଲି। ତୁମର ସେଇ ଅଦ୍ଭୁତ ରହସ୍ୟ ଉପନ୍ୟାସର ସବୁ ପାଣ୍ଡୁଲିପି ମୁଁ ଚୋରି କରି ନିଜ ନାଁରେ ଛପେଇ ଦେଲି... ଆଉ ତୁମେ ନିରାଶାରେ ଆତ୍ମହତ୍ୟା କଲ! ମୁଁ ଭାବିଥିଲି ସେଇ ସତ୍ୟ ସବୁଦିନ ପାଇଁ ନୀରବ ହୋଇଗଲା।'

ଛାୟାଚିତ୍ର (ଆହୁରି ପାଖକୁ ଆସି, କ୍ରୋଧଭରା ସ୍ୱରରେ): 'ନା ଅବିନାଶ! ସତ୍ୟ କେବେ ନୀରବ ରହେନାହିଁ। ତୁମେ ମୋ ଲେଖା ଚୋରି କରି ଆଜି ଜଣେ ବଡ଼ ଲେଖକ ସାଜିଛ ସତ, କିନ୍ତୁ ପ୍ରତିଟି ଶବ୍ଦ ପଛରେ ଥିବା ମୋ ଆତ୍ମାର ଚିତ୍କାରକୁ ତୁମେ ଚାପିପାରିବନି। ମୁଁ ସେଇ ଅନ୍ଧାର କୋଠରୀରେ ଯେଉଁ ନୀରବ ଯନ୍ତ୍ରଣାରେ ପ୍ରାଣ ହରାଇଥିଲି, ଆଜି ସେଇ ନୀରବତା କୋଳାହଳ ସାଜି ତୁମର ମୃତ୍ୟୁର କାରଣ ହେବ।'

ହଠାତ୍ ବଙ୍ଗଳାର ଚାରିଆଡୁ ଶହ ଶହ ବହିର ପୃଷ୍ଠା ଓଲଟିବାର ଶବ୍ଦ, କାଳି ବୋତଲ ଫୁଟିବାର ଆୱାଜ୍ ଏବଂ ଅବିନାଶଙ୍କ ଚୋରି କରିଥିବା ଉପନ୍ୟାସର ଲାଇନ୍‌ଗୁଡ଼ିକ ଚାରିଆଡୁ ପ୍ରତିଧ୍ୱନିତ ହେବାକୁ ଲାଗିଲା। ସେହି ଶବ୍ଦର ତୀବ୍ରତା ଏତେ ଅଧିକ ଥିଲା ଯେ ଅବିନାଶ ଦୁଇ ହାତରେ ନିଜ କାନକୁ ଜାବୁଡ଼ି ଧରି ଚିତ୍କାର କରିଉଠିଲେ। କିନ୍ତୁ ବାସ୍ତବରେ ବାହାରେ କୌଣସି ଶବ୍ଦ ନଥିଲା, ସେଇ କୋଳାହଳ ଥିଲା ତାଙ୍କରି ନିଜ ଅପରାଧବୋଧ ଏବଂ ପାପର ପ୍ରାୟଶ୍ଚିତ, ଯାହା ତାଙ୍କ ମସ୍ତିଷ୍କକୁ ସମ୍ପୂର୍ଣ୍ଣ ରୂପେ ଅଚଳ କରିଦେଇଥିଲା।


ପରଦିନ ସକାଳେ... ସୂର୍ଯ୍ୟଙ୍କ କିରଣ କନ୍ଦରପୁର ବଙ୍ଗଳା ଉପରେ ପଡ଼ିଥିଲା। ପୋଲିସ ଆସି ଦେଖିଲା ବେଳକୁ ପଢ଼ାଘର ଚେୟାରରେ ଅବିନାଶ ବାବୁ ନିଶ୍ଚଳ ହୋଇ ବସିଛନ୍ତି। ଆଖି ଦୁଇଟି କୌଣସି ଅଦୃଶ୍ୟ ଭୟରେ ବିସ୍ଫାରିତ ହୋଇଛି। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା, ତାଙ୍କ ଟେବୁଲ୍ ଉପରେ ରଖାଯାଇଥିବା ତାଙ୍କର ସେଇ ପୁରୁଣା ବହିର ପ୍ରତିଟି ପୃଷ୍ଠା ସମ୍ପୂର୍ଣ୍ଣ ଧଳା ବା ସଫା ହୋଇଯାଇଥିଲା, ସତେ ଯେମିତି ସେଥିରୁ ସବୁ ଶବ୍ଦ ଅଦୃଶ୍ୟ ହୋଇଯାଇଛନ୍ତି। ଘରସାରା ଏକ ଅସ୍ୱାଭାବିକ ଶାନ୍ତି ଥିଲା, କିନ୍ତୁ ସେଇ ଶାନ୍ତି ଭିତରେ କେବଳ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଥିଲା- କାହାର ପ୍ରତିଭାକୁ ନୀରବ କରି ନିଜର ସାମ୍ରାଜ୍ୟ ଗଢ଼ିଥିବା ମଣିଷ ଶେଷରେ ସେଇ ନୀରବତାର କୋଳାହଳ ଭିତରେ ହିଁ ନୀରବ ହୋଇଯାଏ।

*କଟକ*

*ମୋ-୮୨୪୯୦୨୧୪୨୪*

## ପୁସ୍ତକ ପରିକ୍ରମା

### ଅଚିନ୍ତ୍ୟ ଶ୍ରୀଜଗନ୍ନାଥ




ପ୍ରକାଶ ପାଇଛି ଶ୍ରୀଜଗନ୍ନାଥ କଥା ସମ୍ବଳିତ ସଂକଳନ ଅଚିନ୍ତ୍ୟ ଶ୍ରୀଜଗନ୍ନାଥ। ଏହା ଏହି ସିରିଜର ୨୫ ତମ ସଂକଳନ। ବିଶିଷ୍ଟ ଲେଖକ, ସଂପାଦକ ତଥା ଜଗନ୍ନାଥ ପ୍ରେମୀ ପୀତବାସ ରାଉତରାୟଙ୍କ ସଂପାଦନାରେ ୬୪୦ ପୃଷ୍ଠାର ଏହି ସଂକଳନ ନବଯୌବନ ବେଶ ଓ ନେତ୍ରୋତ୍ସବ ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଚରଣରେ ଲୋକାର୍ପିତ ହୋଇଥିଲା। ନିଜ ସଂପାଦକୀୟରେ ଶ୍ରୀ ରାଉତରାୟ ଏହି ସଂକଳନ ପ୍ରକାଶ କରିବାର ମିଠାମିଠା ସ୍ମୃତିକୁ ବର୍ଣ୍ଣନା କରିବା ସହ ପ୍ରଭୁଙ୍କ ଇଚ୍ଛା ଥିଲେ ଏହା ଏମିତି ପ୍ରକାଶ ହୋଇ ଚାଲିଥିବ ବୋଲି ଜଣାଇଛନ୍ତି। ପ୍ରତିଟି ପୁସ୍ତକ 'ଅ'ରୁ ଆରମ୍ଭ ହୋଇ ଆଗେଇ ଚାଲିଛି। ଏଯାଏ ଅ ରୁ ଆ ବି ହୋଇନି। ପୁସ୍ତକ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ଆଲେଖ୍ୟ 'ଏମିତି ଏ ବଡ ଦାଣ୍ଡେ' ପ୍ରକାଶ ପାଇଛି। ଶ୍ରୀମତୀ ମୁର୍ମୁ ଅତି ମାର୍ମିକଭାବେ ପିଲାଦିନରୁ ଅଦ୍ୟାବଧି ପ୍ରତି ମୁହୂର୍ତ୍ତରେ ଜଗନ୍ନାଥଙ୍କ କୃପାଲାଭ କରିଥିବା ସ୍ୱୀକାର କରିଛନ୍ତି। ଏହା ବ୍ୟତୀତ ନିୟମିତ ପ୍ରସଙ୍ଗ ଗୁଡିକ ମଧ୍ୟରେ ରହିଛି-ପ୍ରଚ୍ଛଦ ପ୍ରସଙ୍ଗ ଯେଉଁଥିରେ ଅଛନ୍ତି-ବଳଦେବ ମହାରଥା, କୃଷ୍ଣକେଶବ ଷଡଙ୍ଗୀ, ଚନ୍ଦ୍ରଭାନୁ ଶତପଥୀ। ଏହି ସଂକଳନରେ ସ୍ଥାନପାଇଥିବା ଅନ୍ୟ ଲେଖକମାନେ ହେଲେ- ପଦ୍ମଶ୍ରୀ ଡଃ ମହେନ୍ଦ୍ର କୁମାର ମିଶ୍ର, ବିଘ୍ନେଶ୍ୱର ସାହୁ, ଅଭୟ କୁମାର ନାୟକ, ଅସିତ ମହାନ୍ତି, ରଞ୍ଜନ କୁମାର ଦାସ, ଡକ୍ଟର ଭାସ୍କର ମିଶ୍ର, ସ୍ନିଗ୍ଧା ସାହୁ, ହରେକୃଷ୍ଣ ଶତପଥୀ, ପଦ୍ମଭୂଷଣ ପ୍ରତିଭା ରାୟ, ହର ପ୍ରସାଦ ମିଶ୍ର, ଶଂକର୍ଷଣ ମଙ୍ଗରାଜ, ତନୟା ପଟ୍ଟନାୟକ, ତୁଳସୀ ଓଝା, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର କୁମାର ମହାନ୍ତି, ମହୀମୋହନ ତ୍ରିପାଠୀ, ପ୍ରଦୀପ ଦାଶ, ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଗିରିଜା କୁମାର ବଳିୟାରସିଂହ, ସରୋଜିନୀ ସାହୁ, ଅଶ୍ୱିନୀ କୁମାର ମିଶ୍ର, ଅଧ୍ୟାପକ ବିଶ୍ୱରଞ୍ଜନ, ଧନଞ୍ଜୟ ସ୍ୱାଇଁ, ଲୋପାମୁଦ୍ରା ଦାମୋଦର ମହାନ୍ତି, ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଜୟାଶୀଷ ରାୟ, ବନୋଜ କୁମାର ରାୟ, ଜ୍ୟୋତିର୍ମୟୀ ମହାନ୍ତି, ପ୍ରଭାତ କୁମାର ନନ୍ଦ, ଇନ୍ଦ୍ରମଣି ଜେନା, ଦେବବ୍ରତ ମଦନରାୟ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ମାନସୀ ଦାସ, ସଂଘମିତ୍ରା ଭଞ୍ଜ, ତପସ୍ୱିନୀ କର, ଗୋଲାପ ମଞ୍ଜରୀ କର, ସୁଧା ମିଶ୍ର, ସଂଗୀତା ଗୋସାଇଁ, ଛନ୍ଦା ମିଶ୍ର, ସଂଘମିତ୍ରା ମିଶ୍ର, ବନଜ ଦେବୀ, ଗଣେଶ ଚନ୍ଦ୍ର ପଣ୍ଡା ଏବଂ ସାଫଲ୍ୟ ନନ୍ଦାଙ୍କ ଲେଖା ସହ ଅନ୍ୟାନ୍ୟ ବିଭାଗ ଯଥା-ଦିବଂଗତ ସଙ୍ଗୀତଜ୍ଞଙ୍କ ସ୍ମୃତି ଚାରଣ, ଶ୍ରୀଜଗନ୍ନାଥ ସଂସ୍କୃତିରେ ଭୌଗଳିକ ଚୟନ, ଅନୁଭବର ସାତ ପାହାଚର ସ୍ପନ୍ଦନ, ଦୁଇ ପ୍ରତିଭାଙ୍କ ଗୁଣ ବୟାନ, ତିନୋଟି ସ୍ମରଣୀୟ ସ୍ମୃତିଚାରଣ, ବାଇଶି ପାହାଚରେ ସୁଭଦ୍ରାଙ୍କ କଥା ଓ କବିତାର ବୟାନ, ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ସୁମନ, ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ:ସ୍ୱତନ୍ତ୍ର ଉପସ୍ଥାପନା, ସେବକଙ୍କ ସହ ସାକ୍ଷାତ୍‌କାର ସମ୍ଭାଷଣ, ଶ୍ରୀମନ୍ଦିରରେ ସେବାୟତ ପରମ୍ପରାର ବୟାନ ଏବଂ ଶ୍ରୀମନ୍ଦିରର ଅନନ୍ୟ ଯାନିଯାତ୍ରାର ଉପସ୍ଥାପନ ପ୍ରଭୃତି।

ମହାବୀର ପ୍ରକାଶନ ଦ୍ୱାରା ପ୍ରକାଶିତ ୬୪୦ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୪ ଶହ ଟଙ୍କା।

## ପବିତ୍ର ବାହୁଡ଼ା ଯାତ

*ରାମଚନ୍ଦ୍ର ବେହେରା*

ଭ୍ରାତା ଭଗିନୀଙ୍କ ସହ କଳାଦିଅଁ
ଶୁକଳ ଦ୍ୱିତୀୟା ଦିନ
ଜନମ ବେଦୀକୁ ଯାଇଥିଲେ ବୁଲି
ସାଥେ ପ୍ରଭୁ ସୁଦର୍ଶନ
ଫେରୁଛନ୍ତି ଆଜି ଦିନ
ବଡଦାଣ୍ଡେ ଦିଶେ ଶ୍ରଦ୍ଧାଳୁଙ୍କ ମେଳି
ଶୁଭେ ନାମ ସଂକୀର୍ତ୍ତନ।
କଳା ବାମନଙ୍କ ବାହୁଡା ସୁନ୍ଦର
ସୁନ୍ଦର ତା'ନନ୍ଦିଘୋଷ
ପାର୍ଶ୍ୱ ଦେବା ଦେବୀ ତା' ବାଙ୍କ ଚାହାଣି
ଦେଖି ମନହୁଏ ତୋଷ
ଶୁଭେ ଘଣ୍ଟ ଘଣ୍ଟି ସ୍ୱନ
ମୃଦଙ୍ଗ କାହାଳୀ ଶଙ୍ଖ ହୁଳହୁଳି
ଅଭିଳାଷା କରେ ପୂର୍ଣ୍ଣ।
ଅନେକ ଦିନରୁ ଭାବିଛି ହେ ପ୍ରଭୁ
ଯିବି ତୋ'ବାହୁଡା ଯାତ
ଶ୍ରଦ୍ଧାଳୁଙ୍କ ସହ ତୋ'ରଥ ଟାଣିବି
ତୁଣ୍ଡେ ଗାଇ ମହାମନ୍ତ୍ର
ରାଗ ରୋଷ ନଧରିବ
ପୂଜା ବିଧି କିଛି ନଜାଣଇ ପ୍ରଭୁ
ହରଷେ ଆଶିଷ ଦେବ।
ବେନିହସ୍ତ ଯୋଡି କରିବି ଗୁହାରି
ଶୁଣିବ ମୋର ବିନତି
ମଧୁର ବିଚାର ଭରିଦେବ ପ୍ରାଣେ
ଆହେ ଅଗତିର ଗତି
ଧନ୍ୟ ତୋ ବାହୁଡା ଯାତ
ଜୀବ ଥିବା ଯାଏ ସ୍ମୃତିରେ ରହିବ
ରଥ ପଥ ଜଗନ୍ନାଥ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*





## ବାହୁଡ଼ା ଯାତ

*ବଳରାମ ମହାନ୍ତି*

ମହାପ୍ରଭୁଙ୍କର ଆଜି
ବାହୁଡ଼ା ଯାତ
ଖୁସିରେ ଯାଇଛି ଫୁଲି
ଶରଧା ବାଲିର ଚିତ୍ତ
ବାହୁଡ଼ା ଯାତ୍ରାରେ ବାହୁଡ଼ିବେ ପ୍ରଭୁ
ଆଡପ ମଣ୍ଡପ ଛାଡି
ଶରଧା ବାଲିରେ ଦିଶେ ମୁଣ୍ଡ ମାଳ
ଚମକେ ଗୁଣ୍ଡିଚା ବାଡ଼ି
ସାଧୁ ସନ୍ଥ ଭକତଙ୍କ ଛାଉଣୀରେ
ପୁରି ଉଠେ ଶରଧା ବାଲି କ୍ଷେତ୍ର
ଝରିପଡ଼େ ମୁଖୁ ଭକତିର ସ୍ୱର
ହରିବୋଲ ହୁଳହୁଳି
ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀକ୍ଷେତ୍ର
ଭୂମି ପଡଇ ଉଛୁଳି
ଶରଧା ବାଲିରେ ଲାଗଇ ଗହଳି
ଭକତ ଜନଏଁ ଥାଆନ୍ତି ରତ
ଆହାକି ଅପୂର୍ବ କାନ୍ତି ଝରିପଡ଼େ
ବାହୁଡ଼ା ବିଜୟ ପଥେ
ସେବକ ଗଣଏ ହୁରି ଛାଡୁଥାନ୍ତି
ପାଶେ ପାଶେ ଥାଇ ରଥେ
ନାମ ସଂକୀର୍ତ୍ତନ ନୃତ୍ୟ ସଂଗୀତରେ
ଫାଟି ପଡ଼େ ଶରଧା ଭୂଇଁ ସତ
ତିନି ରଥ ଯାଏ ଆଗ ପଛ ହୋଇ
ଲାଗିଥାଏ କେତେ ଲୀଳା
ଲୀଳା ସଂଦର୍ଶନେ ସାଧୁ ସନ୍ଥ ଭକ୍ତ
ଭାବରେ ହୁଅନ୍ତି ଭୋଳା
ଚକାଡୋଳିଆର ରଥ ଲୀଳା ଦେଖି
ପୁରି ଉଠେ ଭକତ ଚିତ
ସିଂହଦ୍ୱାର ପାଶେ ତିନିଗୋଟି ରଥେ
ତିନି ଦିଅଁ ରହି ଛିଡା
ସୁବର୍ଣ୍ଣ ବେଶରେ ଦରଶନ ଦେଇ
ପାଳନ୍ତି ଓପାସ ପରା
ଶ୍ରୀମନ୍ଦିରକୁ ଯାଆନ୍ତି ବାହୁଡ଼ି
ବଡ଼ଦାଣ୍ଡେ ପାଳି ଏକାଦଶୀ ବ୍ରତ ।

*କାଦୁଆ, ଗଣିଆଁ, ନୟାଗଡ଼*
*ମୋ-୯୭୭୭୩୧୪୦୮୮*

## ବାହୁଡ଼ି ଆସ

*ସତ୍ୟବ୍ରତ ସାହୁ*



ପ୍ରଭୁ..
ଚାହୁଁ ଚାହୁଁ ବିତିଗଲା ନଅ ଦିନ
ଖାଁ ଖାଁ ଲାଗେ ବଡ଼ଦାଣ୍ଡ, ଖାଲି ରତ୍ନ ସିଂହାସନ
ସତେ ଅବା ଶ୍ରୀକ୍ଷେତ୍ରରେ ମରିଛି ସରାଗ
ଶ୍ରୀହୀନ ଲାଗୁଛି ଶ୍ରୀକ୍ଷେତ୍ର ।
କାହା ମୁଖେ ନାହିଁ ଟିକେ ସରସତା
ମା' ଲକ୍ଷ୍ମୀ ଯେବେଠୁ ଦୁଃଖିତା ।

ଏ କି ବିଚାର ପ୍ରଭୁ..
ମା'ଙ୍କୁ ଛାଡ଼ି ଚାଲିଗଲ ଭାଇ-ଭଉଣୀଙ୍କୁ ନେଇ
କ'ଣ ମନେପଡୁନି ମା'ଙ୍କ କଥା..
ତମକୁ ରତ୍ନ ସିଂହାସନରେ ଦେଖିବାକୁ ଚାହୁଁଥିବା
ଅଗଣିତ ଭକ୍ତଙ୍କ କଥା ?

ପ୍ରଭୁ ଏ କି ଅବିଚାର ତମର..
ମା'ଙ୍କୁ ବି ଦେଖାଦେଲନି ଥରେ
ଯାଇଥିଲେ ହେରାପଞ୍ଚମୀରେ
ରାଗରେ ମା' ଭାଙ୍ଗି ଦେଲେ ନନ୍ଦିଘୋଷ ଚକ
ଆସିଲେ ଦେଖିବ ମାଆଙ୍କ ଅଭିମାନୀ ମୁଖ ।

ଆଉ ଡେରି କରନି ପ୍ରଭୁ..
ଦୁଃଖ ଦିଅନି ମା'ଙ୍କୁ ଓ ଅଗଣିତ ଭକ୍ତମାନଙ୍କୁ
ଆଜି ପବିତ୍ର ଆଷାଢ଼ ଶୁକ୍ଳ ଦଶମୀ
ତମକୁ ଭିଡ଼ି ଆଣିବାକୁ ପ୍ରସ୍ତୁତ ନନ୍ଦିଘୋଷ ।
ଗୁଣ୍ଡିଚା ରାଣୀଙ୍କୁ କଥା ଦେଇଥିଲ ବରଷରେ
ଯିବା ପାଇଁ ଥରେ
କଥାତ ରଖିଲ..ଏବେ ବାହୁଡ଼ି ଆସ ପ୍ରଭୁ
ମାଉସୀ-ମା'ଙ୍କ ପୋଡ଼ପିଠା ବି ପ୍ରସ୍ତୁତ
ଖାଲି ଅପେକ୍ଷା ତମ ଆସିବାକୁ ।

ବାହୁଡ଼ି ଆସ ପ୍ରଭୁ..
ଭରି ଦିଅ ହସ ଶ୍ରୀକ୍ଷେତ୍ର ବୁକୁରେ
ତମକୁ ଚାହିଁ ରହିଥିବା ଭକ୍ତଙ୍କ ମନସ୍କାମନା
ପୂର୍ଣ୍ଣ କର ପ୍ରଭୁ
ତମକୁ ପାଛୋଟି ନେବାକୁ ବ୍ୟାକୁଳ ଶ୍ରୀକ୍ଷେତ୍ର,
ଉଲ୍ଲସିତ ଶ୍ରୀମନ୍ଦିର
ଆଜି ବାହୁଡ଼ି ଆସ..
ତମ ବାହୁଡ଼ାକୁ ଅପେକ୍ଷା କରିଛି ସମଗ୍ର ଜଗତ
ଆଉ ଶ୍ରୀହୀନ ଶ୍ରୀକ୍ଷେତ୍ର ।



*ପଲ୍ଲୀସାହି, କମାଳପୁର,*
*ଅହିୟାସ, ଯାଜପୁର-୭୫୫୦୩୬*
*ମୋ- ୮୯୧୭୨୭୩୫୪୫*

## ବର୍ଷା ଆସିବ ଝିପି ଝିପି ହୋଇ

*ସୁନନ୍ଦା ମହାନ୍ତି*



ମେଘ ସବାରୀରେ ବର୍ଷା ଆସିବ
ମନ ଓ ହୃଦୟ ଦେବ ଭିଜାଇ
ଟୁପୁ ଟୁପୁ ଶବ୍ଦ କରିବ ମେଘ ହୋଇ
ଝିଙ୍କାରୀ ଗାଇବ ଝିଁ ଝିଁ କହି
ବେଙ୍ଗ ଓ ବେଙ୍ଗୁଲି ସାରୁ ବୁଦା ମୂଳେ
ଦେଖିବେ ପୋଥିପାଞ୍ଜି ନୀଳ ଆକାଶ ଚାହିଁ
ଜଳ ବିହୁନେ କି ଜଳ ଗହଳେ ଏବର୍ଷ
ହସିବ ଧରାରେ ନୀଳକଇଁ କି ନାଇଁ
ବିଜୁଳି କନ୍ୟା କରିବ ଅଳି ଘଡଘଡିକୁ
ବାଜା ଆଉ ବଜାନା ମେଘ କାନ୍ଦୁଛି କଇଁ
ହେଉନି ସହି ମୁଁ ଛାଡି ଯାଉଛି ମହୀ
ବିଜୁଳି କନ୍ୟା ଯିବାପରେ ଆସିଯିବ
ମେଘରଜା କହ୍ନେଇ ବାଜା ବଜେଇ
ତୁ ଥାଆ ମୁଁ ଯାଉଛି କହି ଫୁଲିବ ନଈ
ମାଙ୍କଡ଼ ଭାଇଟା ହସିବ ଠୋ ଠୋ ହୋଇ
କୁମ୍ଭୀର ଭାଇ ଲୁଚିବ ମେଘବର୍ଷା ଦେଖିନେଇ

*ସାକ୍ଷୀଗୋପାଳ, ପୁରୀ*
*ମୋ-୯୦୪୦୯୭୭୩୨୭*


## କହିବୁକି ଥରେ

*ଦୀପକ କୁମାର ନାୟକ*



କେତେ ସରିହେଲେ ବୁଝିବୁରେ ଜଗା
ଏ ଦୁଃଖିର ଦୁଃଖ ତୁହି
ଡାକି ଡାକି ତୋତେ ହାରିଗଲି ପଛେ
ମୋ ଡାକ ଶୁଣିଲୁ ନାହିଁ ।।
ପାଷାଣ କି ହେଲୁ ସେଥିପାଇଁ ଜମା
ଉତ୍ତର ଦେଉନୁ ତୁହି
ତୋତେ ଡାକି ଡାକି ବେଳ ସରିଗଲା
ନିଦ ତୋ ଭାଙ୍ଗିଲା ନାହିଁ ।।
ଦୀନ ଦୁଃଖିଙ୍କର ସାଥି ତୁ କୁଆଡେ
ଶୁଣିଥିଲି ମୋର କାନେ
କୁଆଡେ ଗଲାରେ ତୋସାଥି ପଣିଆ
ମନେ ପଡିଲିନି ଦିନେ ।।
ଦୟାର ଠାକୁର କହେ ଏ ଜଗତ
ତୋତେ କେତେ ଶରଧାରେ
ବାସ୍ତବରେ କିନ୍ତୁ ନାହିଁ ତୋର ଦୟା
ବୁଝି ଆଜି ପାରୁଛିରେ ।।
ଥିଲେ ତୋର ଦୟା ଦେଖେଇ ଥାଆନ୍ତୁ
ଦେଖି ଦୁଃଖ ଦୁଃଖିନିର
ତେବେ ଯାଇ ଶୋଭା ପାଇଥାଆନ୍ତାରେ
ନାଁ ଟା ଦୟାର ଠାକୁର ।।
କେଉଁ ଜନମର କି ପାପ ପାଇଁ ମୁଁ
ଭୋଗୁଅଛି ଏତେ ଶାସ୍ତି
କହିବୁକି ଥରେ କେଉଁ କାର୍ଯ୍ୟକଲେ
ମିଳିଯିବ ମୋତେ ମୁକ୍ତି
ମିଳିଯିବ ମୋତେ ମୁକ୍ତି ।।

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*





## ଆସିଲାଣି ବରଷା

*ଜୟକୃଷ୍ଣ ସାହୁ*

ବରଷା ତ ଏମିତିକା
ସବୁବେଳେ ଆସଇ
ଝିପି ଝିପି ଝିପି ଝିପି
ଆକାଶରୁ ଖସଇ।
ଟପଟପ ଟିପିଟିପି
ହୋଇ କେବେ ବରଷେ
କେତେ ଛଇ ଦେଖାଏ ସେ
ହସି ହସି ହରଷେ ।
ଘଡ଼ ଘଡ଼ି ଚଡ଼ ଚଡ଼ି
ସଙ୍ଗେ ଆଣି ଡରାଏ
ଘୋର ଗରଜନ କରି
ଧରଣୀକୁ ଥରାଏ।
ସେ ଆସିଲେ ସବୁ ମୁଖେ
ହସଫୁଲ ଫୁଟନ୍ତି
ଗଛରେ ଫୁଟିଲେ ଫୁଲ
ମହୁମାଛି ଜୁଟନ୍ତି।
ବରଷାରେ ଭରିଯାଏ
ନଈ ନାଳ ପୋଖରୀ
ନଈରେ ଚଲାଏ ନାଆ
ସର ସର ନାଉରି।
କାଗଜ ଡଙ୍ଗାକୁ ଧରି
ଗାଆଁ ଦାଣ୍ଡ ପାଣିରେ
ଭସାଇଥାଏ ଖୁସିରେ
ଏକ ଦୁଇ ଗଣିରେ।
ଭାରି ଭଲ ଲାଗଇ,
ବରଷା ଆସିଲେ ମନେ
ପୁଲକ ମୋ ଜାଗଇ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

## ମେଘ

*ଡକ୍ଟର ସଦା ବିହାରୀ ସାହୁ*



ଚଳମାନ ମେଘ, ଖୋଲା ଆକାଶ
କିଛି କହିବାକୁ ଚାହୁଁଛି ତୋତେ ।
ଜୀବନ ଛୋଟ, ଆଗକୁ ଚାଲିବାରେ ମଗ୍ନ ରୁହ
କିଛି ତୋର ନୁହେଁ, ଧରି ରଖିବାରେ ସମୟ ନଷ୍ଟ କରନି ।
ତୁମେ ସମୟ ବିତାଇ ଚାଲିଛ
ଏବଂ ସ୍ମୃତି ସବୁ ସାଉଁଟି ନେଉଛ
ସେଇଟା ହେଉଛି ତୁମ ଏକମାତ୍ର ସମ୍ପତ୍ତି ।
କେବେ କେବେ ଆସି ମୋ ସୌନ୍ଦର୍ଯ୍ୟକୁ ଦେଖ
ନିରୀକ୍ଷଣ କର, ଭାବ ଓ ମୁହୂର୍ତ୍ତକ ନିରବ ହେଇଯା ।
ତୁମ ଭିତରକୁ ବୁଡିଯାଅ
ଏବଂ ନିଜକୁ ନିଜେ ଖୋଜ ।
ତୁମେ ମନରେ ଶାନ୍ତି
ଏବଂ ସନ୍ତୋଷ ଅନୁଭବ କରିବ ।
ମୁଁ ଖୋଲା, ମୁଁ ପ୍ରସ୍ତୁତ
ମୁଁ କିଛି ନିଜ ପାଇଁ ରଖେ ନାହିଁ ।
ବର୍ଷା ଆକାରରେ ସବୁକିଛି ଦେଇଦେଉଛି
ଆଖପାଖରେ ଥିବା ସଭିଙ୍କୁ ।



ତୁମେ ମଧ୍ୟ ଖୋଲା ହୁଅ, ସୁସ୍ପଷ୍ଟ ହୁଅ
ସବୁକିଛି ବାଣ୍ଟିଦିଅ
କାରଣ କିଛି ମଧ୍ୟ ତୁମର ନୁହେଁ ।
କେବେ ମୁଁ ଅନ୍ଧାର, କେବେ ଶ୍ୱେତ
କେବେ ନୀଳ ହୋଇ ତୁମକୁ ହସେଇ ଦେଉଛି ।
ଜୀବନ ମଧ୍ୟ ଏହିପରି
କେବେ ସୁଖ, କେବେ ଦୁଃଖ ।
କିନ୍ତୁ ଦୁହିଁକୁ ଗ୍ରହଣ କଲେ ହିଁ
ଜୀବନକୁ ସଠିକ୍ ଭାବେ ବୁଝିହେବ ।
ସୁନ୍ଦର ଘାସ ଓ ଉଚ୍ଚ ପାହାଡ଼
ମୋତେ ଭଲପାଇବାର ଚାହାଣିରେ ଦେଖୁଛନ୍ତି ।
ଦୀର୍ଘ ସମୟ ଧରି ବର୍ଷା ପାଇଁ ତୃଷ୍ଣାର୍ତ୍ତ ।
ଆମେ ତିନିଜଣ-ମେଘ, ପୃଥିବୀ ଓ ପାହାଡ଼
ଜୀବନର ଅସୀମ ଚକ୍ରକୁ ଚାଲୁ ରଖିଛୁ ।
ଚାଲ ଖେଳିବା "ଲୁଚକାଳି"ର ଖେଳ
ଜୀବନକୁ ଆନନ୍ଦମୟ କରିବା ପାଇଁ ।
ମୁଁ ପ୍ରସ୍ତୁତ, ତୁମକୁ ଖୁସି କରିବାରେ ।
ଆସ, ମୋ ସହିତ ଏହି ଖେଳରେ ଯୋଗଦିଅ।
ଏହି ଜୀବନକୁ ଉପଭୋଗ କର-
ଯାହା ଆଉ ଥରେ ଫେରି ଆସିବ ନାହିଁ ।

*ସହାୟକ ମହାପ୍ରବନ୍ଧକ*
*ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ*

## ଆଞ୍ଜୁଳେ ଆଷାଢ଼

*ଦେବାଶିଷ ଚକ୍ରବର୍ତ୍ତୀ*

**ଆଷାଢ଼**
ଆଷାଢ଼ ଛୁଆଁରେ ଝାଉଁଳଇ ସିନା
ରୁଦ୍ର ତପନ ରୋଷ
ଅସରା ଧାରାରେ ଉଝେଇ ଯାଏକି
ମନର ନିଆଁରୁ ଲେଶ ?

**ସୁଅ**
ବଢ଼ିଲା ନଈର ସୁଅରୁ ହୁଏତ
ମିଳିପାରେ ନିସ୍ତାର
ବଢ଼ିଲା ଝିଅର ଚିନ୍ତାରୁ ତରିବା
ଅତିଶୟ ଦୁଷ୍କର।


**ସିକ୍ତ**
ବତୁରା ମାଟିର ଗନ୍ଧରେ ସିନା
ଚଉଦିଗ ଉଠେ ପୂରି
ଶୋକରେ ବତୁରା ପରାଣେ ସଢ଼ଇ
ସପନର ଫୁଲକଢ଼ି।

**ଭଉଁରୀ**
ଭଉଁରୀ ଖେଳଇ ମିଳିଯାଏ ଯେବେ
ପୂରିଲା ନଈର ଛାତି
ଅଭାବୀ ମନରେ ନିରାଶା ଭଉଁରୀ
ଖେଳୁଥାଏ ଦିନରାତି।

**ବେଙ୍ଗ**
ସାରୁ ପତରର ଚାନ୍ଦୁଆ ତଳେ
ବେଙ୍ଗ ପକାଏ ହୁରି
ଭୋଟ୍ ଆସିଗଲେ ବଖାଣେ ଯେପରି
ନେତା ନିଜ ବାହାଦୁରୀ।

*ମଣ୍ଡୁଆ, କେନ୍ଦୁଝରଗଡ଼*
*ମୋ-୯୪୩୭୭୫୨୩୯୫*





## ଏଇ ଦେଶରୁ

*ସିଦ୍ଧେଶ୍ୱର ତ୍ରିପାଠୀ*

ଦେଶରୁ କୋଟା କି ହଟିବ
ସମାନତା ଫୁଲ ଫୁଟିବ
ସମାନ ଆଚାର ସଂହିତା
ଖୁସିହେବେ ସବୁ ଜନତା ।

ବଦଳିବ ସେ ବିଦେଶୀ ନିୟମ
କରିବନି ସେ ଅନ୍ୟାୟ ହାକିମ
ମିଛ ସଂରକ୍ଷଣ ନଥିବ
ସମୟ ଖୁସିରେ ବିତିବ ।

ବିଦ୍ୟା ହେବନାହିଁ ଜଟିଳ
ସ୍ୱଇଚ୍ଛାରେ ହେବ ସକଳ
ଶୋଷଣ କଷଣ ପାଇକି
କେହିତ ନଥିବେ ବିକଳ ।

ଦେଶଦ୍ରୋହୀଙ୍କର ନାମରେ
କିଛି ଅନୁଷ୍ଠାନ ସ୍ଥାନ ନଥିବ
ସଭିଏଁ ଖୁସିରେ ଚଳିବେ
ନିଶ୍ଚିତ ନିଯୁକ୍ତି ପାଇବେ ।

ଭୋଟର ସରକାର
ଆଇନି ସମ୍ବିଧାନ
ସରଳ ରେଖାରେ ଚାଲିବ
ଦେଶରୁ କୋଟାକି ହଟିବ
ସମାନତା ଫୁଲ ଫୁଟିବ ।

## ଡୋପିଂ ମାମଲା : ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡ଼ିଲେ ଜୁଡୋକା ମାନ୍



**ନୂଆଦିଲ୍ଲୀ**

ବର୍ମିଂହାମ ରାଷ୍ଟ୍ରମଣ୍ଡଳ କ୍ରୀଡ଼ାର ରୌପ୍ୟ ପଦକ ବିଜେତା ଜୁଡୋକା ତୁଳିକା ମାନଙ୍କୁ ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ଦ୍ୱାରା ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଛି। ବିଗତ ୧୨ ମାସ ମଧ୍ୟରେ ତିନି ଥର ନିଜର ସ୍ଥାନ ବା ଠିକଣା ବିଷୟରେ ସୂଚନା ନ ଦେଇଥିବା କାରଣରୁ ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାହା ପରେ ତାଙ୍କୁ ଆଗାମୀ ଗ୍ଲାସ୍‌ଗୋ ରାଷ୍ଟ୍ରମଣ୍ଡଳ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ତୁଳିକା ମାନ ୨୦୨୨ ବର୍ମିଂହାମ କ୍ରୀଡ଼ାରେ +୭୮ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତିଥିଲେ ଏବଂ ଗ୍ଲାସ୍‌ଗୋରେ ମଧ୍ୟ ସେ ଭାରତ ପାଇଁ ପଦକର ଜଣେ ଶକ୍ତିଶାଳୀ ଦାବିଦାର ଭାବେ ବିବେଚିତ ହେଉଥିଲେ।

ଏହି ନିଲମ୍ବନ ଯୋଗୁଁ ୨୭ ବର୍ଷୀୟା ହେଭିୱେଟ୍ ଜୁଡୋକା ତୁଳିକା ମାନ ଗ୍ଲାସଗୋରେ ହେବାକୁ ଥିବା ୨୦୨୬ କମନୱେଲଥ୍ ଗେମ୍ସରୁ ବାଦ୍ ପଡ଼ିଛନ୍ତି। ଭାରତୀୟ ଜୁଡୋ ଦଳ ଏପର୍ଯ୍ୟନ୍ତ ସ୍କଟଲାଣ୍ଡ ଗସ୍ତ କରିନାହିଁ। ଭାରତୀୟ ଜୁଡୋ ଦଳର ମ୍ୟାଚ୍ ୩୧ ଜୁଲାଇରୁ ଆରମ୍ଭ ହେବ ଏବଂ ଜୁଡୋ ଖେଳାଳିମାନେ ୨୭ ଜୁଲାଇରେ ଯାତ୍ରା କରିବେ। ତୁଳିକା ମାନ ବର୍ମିଂହାମ କମନୱେଲଥ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ। ବିଗତ ୧୨ ମାସ ମଧ୍ୟରେ ତିନି ଥର ନିଜର ସ୍ଥାନ ବା ଠିକଣା ସୂଚନା ନ ଦେଇଥିବା କାରଣରୁ ନାଡା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାନ ୨୦୨୨ ଗେମ୍ସରେ ୭୮ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତିଥିଲେ ଏବଂ ଗ୍ଲାସଗୋରେ ମଧ୍ୟ ତାଙ୍କଠାରୁ ପଦକ ଜିତିବାର ଆଶା ରହିଥିଲା।

ଜଣେ ଜୁଡୋ କୋଚ୍ ପିଟିଆଇକୁ କହିଛନ୍ତି, 'ସେ ୧୨ ମାସ ମଧ୍ୟରେ ତିନି ଥର ନିଜର ସ୍ଥାନ ସୂଚନା ଦେଇନାହାନ୍ତି ଏବଂ ନାଡା ତାଙ୍କୁ ନୋଟିସ୍ ପଠାଇଛି। ତେଣୁ ତାଙ୍କୁ ଦଳରୁ ବାଦ୍ ଦିଆଯିବ।' ଗୁରୁବାର ଦିନ ଅନ୍ୟ ଜଣେ ଜୁଡୋ ଖେଳାଳି ଅରୁଣ କୁମାର (୭୩ କିଲୋଗ୍ରାମ)ଙ୍କୁ ମଧ୍ୟ ପ୍ରତିଯୋଗିତା ବାହାରେ ହୋଇଥିବା ଡୋପ୍ ଟେଷ୍ଟରେ ଫେଲ୍ ହେବା କାରଣରୁ ଦଳରୁ ବାଦ୍ ଦିଆଯାଇଛି।

## ଏସିଆନ୍ ଗେମ୍ସ ୨୦୨୬ କ୍ରିକେଟ୍ ସୂଚୀ ଜାରି

## ପୁରୁଷ ବର୍ଗରେ ମୋଟ ୧୦ ଓ ମହିଳା ବର୍ଗରେ ୮ ଦଳ ଭାଗ ନେବେ

**ନୂଆଦିଲ୍ଲୀ**

ଏସିଆନ୍ ଗେମ୍ସ ୨୦୨୬ରେ ପୁରୁଷ ଏବଂ ମହିଳା କ୍ରିକେଟ୍ ପ୍ରତିଯୋଗିତା ପାଇଁ ମ୍ୟାଚ୍ ସୂଚୀ ଘୋଷଣା କରାଯାଇଛି। ପୁରୁଷ ବର୍ଗରେ ମୋଟ ୧୦ଟି ଦଳ ଏବଂ ମହିଳା ବର୍ଗରେ ୮ଟି ଦଳ ଭାଗ ନେବେ। ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ ନକ୍ ଆଉଟ୍ ଷ୍ଟେଜରେ ସ୍ଥାନ ପାଇଛନ୍ତି। ଯେତେବେଳେ କି ଅନ୍ୟ ୬ଟି ଦଳ ପ୍ରଥମ ରାଉଣ୍ଡରେ ଖେଳିବେ। ଆଫଗାନିସ୍ତାନ, ହଂକଂ, ମାଲେସିଆ, ନେପାଳ, ଜାପାନ ଓ ଓମାନ ପ୍ରଥମ ରାଉଣ୍ଡରେ ଖେଳିବେ। ଏହି ଦଳ ମାନଙ୍କୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ ଏବଂ ପ୍ରତ୍ୟେକ ଗ୍ରୁପ୍‌ରୁ ଶୀର୍ଷ ୨ଟି ଲେଖାଏଁ ଦଳ ନକ୍‌ଆଉଟ୍ ଷ୍ଟେଜ୍‌କୁ ପ୍ରବେଶ କରିବେ।

ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ମହିଳା କ୍ରିକେଟ୍ କଥା କହିବାକୁ ଗଲେ, ଏହାର ଆରମ୍ଭ ସିଧାସଳଖ କ୍ୱାର୍ଟର ଫାଇନାଲ୍‌ରୁ ହେବ। ଭାରତୀୟ ମହିଳା କ୍ରିକେଟ୍ ଦଳର ମ୍ୟାଚ୍ ଜାପାନ ସହିତ ହେବ। ସେହିପରି ବାଂଲାଦେଶ ଚୀନ ସହ, ପାକିସ୍ତାନ ଥାଇଲାଣ୍ଡ ସହ ଓ ଶ୍ରୀଲଙ୍କା ମାଲେସିଆ ସହ ଖେଳିବେ। ବିଜେତା




ଦଳଗୁଡ଼ିକ ସେମିଫାଇନାଲ୍ ଖେଳିବେ।

ପୁରୁଷମାନଙ୍କ ମ୍ୟାଚ୍ ୨୪ ସେପ୍ଟେମ୍ବରରୁ ଆରମ୍ଭ ହେବ। ଅନେକ ଯୁବ ଖେଳାଳିଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଚଳିତ ବର୍ଷ ଏହା ଟି-୨୦ ଫର୍ମାଟରେ ଖେଳାଯିବ ଏବଂ ଏହାକୁ ସମ୍ପୂର୍ଣ୍ଣ ଅନ୍ତର୍ଜାତୀୟ ମାନ୍ୟତା ମିଳିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତର ପୁରୁଷ ଏବଂ ମହିଳା ଉଭୟ ଦଳ ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଅଛନ୍ତି।

ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ କ୍ୱାର୍ଟର ଫାଇନାଲରେ ପହଞ୍ଚି ସାରିଛନ୍ତି। ପ୍ରଥମ ରାଉଣ୍ଡର ଗ୍ରୁପ୍-ଏ'ରେ ନେପାଳ, ଜାପାନ ଏବଂ ଆଫଗାନିସ୍ତାନ ଦଳ ରହିବେ। ଗ୍ରୁପ୍-ବି'ରେ ମାଲେସିଆ, ଓମାନ ଏବଂ ହଂକଂ ଦଳ ରହିବେ। ଉଭୟ ଗ୍ରୁପ୍‌ର ଶୀର୍ଷ ୨ଟି ଲେଖାଏଁ ଦଳ କ୍ୱାର୍ଟର ଫାଇନାଲର ଅନ୍ୟ ୪ଟି ଦଳ ଭାବେ ସ୍ଥାନ ପାଇବେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା କେବଳ ଗୋଟିଏ ଥର ହିଁ ହୋଇପାରିବ, କାରଣ ଦୁଇ ଦଳ କେବଳ ସେମିଫାଇନାଲ୍ କିମ୍ବା ଫାଇନାଲରେ ହିଁ ମୁହାଁମୁହିଁ ହୋଇପାରିବେ।

ଭାରତୀୟ ମହିଳା ଦଳର ନେତୃତ୍ୱ ଅଭିଜ୍ଞ ହରମନପ୍ରୀତ କୌର ନେବେ ଏବଂ ସ୍ମୃତି ମନ୍ଧାନା ଉପ-ଅଧିନାୟିକା ହେବେ। ସେହିପରି ପୁରୁଷ ଦଳର ଅଧିନାୟକ ଦାୟିତ୍ୱ ଶ୍ରେୟସ ଆୟର ସମ୍ଭାଳିବେ ଏବଂ ତିଲକ ବର୍ମା ଉପ-ଅଧିନାୟକ ହେବେ। ଏହି ଦଳରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସାମିଲ କରାଯାଇଛି।

ଏସିଆନ୍ ଗେମ୍ସ ୨୦୨୬ରେ ପୁରୁଷ କ୍ରିକେଟ୍‌ର କାର୍ଯ୍ୟସୂଚୀ- ଗ୍ରୁପ୍ ଏ : ଆଫଗାନିସ୍ତାନ, ଜାପାନ, ନେପାଳ। ଗ୍ରୁପ୍ ବି : ହଂକଂ ଚୀନ, ମାଲେସିଆ, ଓମାନ।

କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଗୁଡ଼ିକର କାର୍ଯ୍ୟସୂଚୀ : ଭାରତ ବନାମ କ୍ୱାଲିଫାୟର୍, ପାକିସ୍ତାନ ବନାମ କ୍ୱାଲିଫାୟର, ଶ୍ରୀଲଙ୍କା ବନାମ କ୍ୱାଲିଫାୟର, ବାଂଲାଦେଶ ବନାମ କ୍ୱାଲିଫାୟର।

ଏସିଆନ୍ ଗେମ୍ସ ୨୦୨୬ରେ ମହିଳା କ୍ରିକେଟ୍ କ୍ୱାର୍ଟର ଫାଇନାଲ୍ କାର୍ଯ୍ୟସୂଚୀ : ଭାରତ ବନାମ ଜାପାନ, ବାଂଲାଦେଶ ବନାମ ଚୀନ୍, ଶ୍ରୀଲଙ୍କା ବନାମ ମାଲେସିଆ, ପାକିସ୍ତାନ ବନାମ ଥାଇଲାଣ୍ଡ।

ଏସିଆନ୍ ଗେମ୍ସ ପାଇଁ ଭାରତୀୟ ପୁରୁଷ ଦଳ : ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ରବି ବିଷ୍ଣୋଇ, ଅଭିଷେକ ଶର୍ମା, ନୀତିଶ କୁମାର ରେଡ୍ଡୀ, ଜସପ୍ରୀତ ବୁମ୍‌ରା, ସଞ୍ଜୁ ସାମସନ, ଅକ୍ଷର ପଟେଲ, ହର୍ଷିତ ରାଣା, ଇଶାନ କିଶନ, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂହ, ଶିବମ ଦୁବେ, ବରୁଣ ଚକ୍ରବର୍ତ୍ତୀ ଏବଂ ବୈଭବ ସୂର୍ଯ୍ୟବଂଶୀ।

ଏସିଆନ୍ ଗେମ୍ସ ପାଇଁ ଭାରତୀୟ ମହିଳା ଦଳ : ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟ୍ କିପର), ଜି. କମଳିନୀ (ୱିକେଟ୍ କିପର), ଭାରତୀ ଫୁଲମାଲି, ଶ୍ରୀ ଚରଣୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ, ରାଧା ଯାଦବ ଏବଂ ନନ୍ଦନୀ ଶର୍ମା।

## ଆଫଗାନିସ୍ତାନ କ୍ରିକେଟ୍ ଦଳର ଅଧିନାୟକ ହେଲେ ରହମତ ଶାହା




**ନୂଆଦିଲ୍ଲୀ**

ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଏକ ବଡ଼ ଘୋଷଣା କରିଛି। ରହମତ ଶାହା ଜୁରମତୀଙ୍କୁ ଆଫଗାନିସ୍ତାନ କ୍ରିକେଟ୍ ଦଳର ଅଧିନାୟକ କରାଯାଇଛି। ହସମତୁଲ୍ଲା ଶାହିଦୀ ୨୧ ଜୁଲାଇ ସନ୍ଧ୍ୟାରେ ଇସ୍ତଫା ଦେବା ପରେ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ରହମତ ଶାହା ଜୁରମତୀଙ୍କୁ ଆଫଗାନିସ୍ତାନର ନୂଆ ଟେଷ୍ଟ ଏବଂ ଦିନିକିଆ ଅଧିନାୟକ ଭାବେ ନିଯୁକ୍ତ କରିଛି। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ମାଧ୍ୟମରେ ଏହି ସୂଚନା ଦେଇଛି। ବୋର୍ଡ ଆଧିକାରିକ ଭାବେ ଘୋଷଣା କରି କହିଛି ଯେ ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ରହମାନୁଲ୍ଲା ଗୁରବାଜ୍ ଉଭୟ ଫର୍ମାଟ୍‌ରେ ଉପ-ଅଧିନାୟକ ଭୂମିକା ନିଭାଇବେ।

ରହମତ ଶାହା ବିଗତ କିଛି ବର୍ଷ ହେବ ଆଫଗାନିସ୍ତାନର ବ୍ୟାଟିଂର ମେରୁଦଣ୍ଡ ସାଜିଛନ୍ତି ଏବଂ ଦଳର ସବୁଠାରୁ ଭରସାଯୋଗ୍ୟ ଖେଳାଳିମାନଙ୍କ ମଧ୍ୟରେ ଗଣାଯାନ୍ତି। ସେ ୩୧ ମଇ ୨୦୨୧ ରୁ ଟେଷ୍ଟ ଏବଂ ଦିନିକିଆ ଦଳର ଉପ-ଅଧିନାୟକ ଦାୟିତ୍ୱ ନିଭାଉଥିଲେ। ବର୍ତ୍ତମାନ ତାଙ୍କୁ ପୂର୍ଣ୍ଣକାଳୀନ ଅଧିନାୟକ କରି ବୋର୍ଡ ତାଙ୍କର ଅଭିଜ୍ଞତା ଏବଂ ନେତୃତ୍ୱ ନେବାର କ୍ଷମତା ଉପରେ ଭରସା ପ୍ରକଟ କରିଛି।

ସୂଚନାଯୋଗ୍ୟ ଯେ, ହସମତୁଲ୍ଲା ଶାହିଦୀ ୩୧ ମଇ ୨୦୨୧ରେ ଆଫଗାନିସ୍ତାନର ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ଦଳ ଜାନୁଆରୀ ୨୦୨୨ରେ ନେଦରଲାଣ୍ଡସ ବିପକ୍ଷରେ ଦିନିକିଆ ସିରିଜ୍ ଜିତି ନିଜ ଅଭିଯାନର ଚମତ୍କାର ଆରମ୍ଭ କରିଥିଲା। ଶାହିଦୀଙ୍କ ଅଧିନାୟକତ୍ୱରେ ଆଫଗାନିସ୍ତାନ ୫୫ଟି ଦିନିକିଆ ମ୍ୟାଚ୍‌ରୁ ୨୭ଟିରେ ବିଜୟ ହାସଲ କରି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା।

## ୨୦୩୦ ଫୁଟବଲ୍ ବିଶ୍ୱକପ ଆୟୋଜନ କରିବେ ୩ ମହାଦେଶର ୬ ଦେଶ

**ନୂଆଦିଲ୍ଲୀ**

୩୯ ଦିନ ଓ ୧୦୪ଟି ମ୍ୟାଚ୍‌ର ରୋମାଞ୍ଚ ମଧ୍ୟରେ ଶେଷ ହୋଇଥିଲା ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ। ଆର୍ଜେଣ୍ଟିନାକୁ ୧-୦ ଗୋଲ୍‌ରେ ପରାସ୍ତ କରି ସ୍ପେନ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ୟୁଏସଏ, ମେକ୍ସିକୋ ଓ କାନାଡ଼ା ମିଳିତ ଭାବେ ଏଥର ବିଶ୍ୱକପ୍ ଆୟୋଜନ କରିଥିଲେ। ଐତିହାସିକ ଆଜଟେକା ଷ୍ଟାଡ଼ିୟମ୍‌ରୁ ଆରମ୍ଭ କରି ବିଶ୍ୱର ସବୁଠୁ ଦାମୀ ସୋଫି ଷ୍ଟାଡ଼ିୟମ୍ ପର୍ଯ୍ୟନ୍ତ ସମଗ୍ର ବିଶ୍ୱ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା। ବିଶ୍ୱକପ୍ ଆୟୋଜକ ଭାବେ ରେକର୍ଡ ୧୫ବିଲିୟନ ଡଲାର ଆୟ କରିଥିବା ଫିଫା ପରବର୍ତ୍ତୀ ବିଶ୍ୱକପ୍‌କୁ ଆହୁରି ଲୋକପ୍ରିୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ୨୦୩୦ରେ ୨୪ତମ ବିଶ୍ୱକପ ଖେଳାଯିବ। ବର୍ଷକ ମଧ୍ୟରେ ଆରମ୍ଭ ହୋଇଯିବ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ।

୨୪ତମ ସଂସ୍କରଣ ୩ଟି ମହାଦେଶ ଓ ୬ଟି ଦେଶ ମିଳିତ ଭାବେ ଆୟୋଜନ କରିବେ। ଆଫ୍ରିକା ମହାଦେଶରୁ ବିଶ୍ୱକପ୍ ଆରମ୍ଭ ହୋଇ




ଦକ୍ଷିଣ ଆମେରିକା ଓ ୟୁରୋପ ପର୍ଯ୍ୟନ୍ତ ଜାରି ରହିବ। ଆଗାମୀ ସଂସ୍କରଣ ଜରିଆରେ ବିଶ୍ୱକପ୍ ୧୦୦ ବର୍ଷ ପୂରଣ କରିବ। ତେଣୁ ଦକ୍ଷିଣ ଆମେରିକାରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଫିଫା ନିଷ୍ପତ୍ତି ନେଇଛି। ବିଶେଷ କରି ଉରୁଗୁଏରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। କାରଣ ୧୯୩୦ରେ ଉରୁଗୁଏ ପ୍ରଥମ ବିଶ୍ୱକପ୍ ଆୟୋଜନ କରିଥିଲା। ଉରୁଗୁଏ ସମେତ ଆର୍ଜେଣ୍ଟିନା ଓ ପାରାଗୁଏ ମଧ୍ୟ ବିଶ୍ୱକପ୍‌ର କିଛି ମ୍ୟାଚ୍ ଆୟୋଜନ କରିବେ। ପ୍ରସ୍ତାବିତ କ୍ରୀଡ଼ାସୂଚୀ ଅନୁଯାୟୀ ଜୁନ୍ ୮ ଓ ୯ ତାରିଖରେ ଉରୁଗୁଏ, ଆର୍ଜେଣ୍ଟିନା ଓ ପାରାଗୁଏରେ ଉଦ୍‌ଘାଟନୀ ସପ୍ତାହର ମ୍ୟାଚ୍ ଆୟୋଜନ କରାଯିବ। ଏହାପରେ ବିଶ୍ୱକପ୍ ଆଫ୍ରିକା ଓ ୟୁରୋପ ଅଭିମୁଖେ ଯାତ୍ରା କରିବ। ଜୁନ୍ ୧୩ ଓ ୧୪ ତାରିଖରେ ଯଥାକ୍ରମେ ମରକ୍କୋ, ପର୍ତ୍ତୁଗାଲ୍ ଓ ସ୍ପେନ୍‌ର ପରବର୍ତ୍ତୀ ସପ୍ତାହର ମ୍ୟାଚ୍ ଖେଳାଯିବ। ଜୁଲାଇ ୨୧ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବାର ଯୋଜନା ରହିଛି। ଫିଫା ଚୂଡ଼ାନ୍ତ କ୍ରୀଡ଼ାସୂଚୀ ଘୋଷଣା କରିନଥିଲେ ହେଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସବୁ ମ୍ୟାଚ୍ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଛି। ୬ଟି ଆୟୋଜକ ଦେଶ ଭାବେ ଉରୁଗୁଏ, ପାରାଗୁଏ, ଆର୍ଜେଣ୍ଟିନା, ମରକ୍କୋ, ପର୍ତ୍ତୁଗାଲ୍ ଓ ସ୍ପେନ୍ ୨୦୩୦ ବିଶ୍ୱକପକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ।

ବାକି ୪୨ଟି ଦେଶ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଜରିଆରେ ବିଶ୍ୱକପ୍ ଟିକେଟ୍ ହାସଲ କରିବେ। ସ୍ପେନ୍‌ର ୧୧ଟି ଷ୍ଟାଡ଼ିୟମ୍, ମରକ୍କୋର ୬ଟି ଷ୍ଟାଡ଼ିୟମ୍ ଓ ପର୍ତ୍ତୁଗାଲର ୩ଟି ଷ୍ଟାଡ଼ିୟମ୍‌ରେ ବିଶ୍ୱକପ୍‌ର ବାକି ମ୍ୟାଚସବୁ ଖେଳାଯିବ। ଉରୁଗୁଏ ପ୍ରଥମ ବିଶ୍ୱକପ୍ ଆୟୋଜନ କରିବାକୁ ସୁଯୋଗ ପାଇବାର ମୁଖ୍ୟ କାରଣ ଥିଲା ଅଲିମ୍ପିକ୍ସ ସଫଳତା। ଉରୁଗୁଏ ୧୯୨୪ ଓ ୧୯୨୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଉରୁଗୁଏ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ୧୯୨୮ ଅଲିମ୍ପିକ୍ସ ଫାଇନାଲ୍ ମ୍ୟାଚକୁ ୫୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଦେଖିଥିଲେ। ଏହି ଲୋକପ୍ରିୟତାକୁ ଦେଖି ଫିଫା ନିଜର ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ଫିଫା ୧୯୩୦ରେ ପ୍ରଥମ ବିଶ୍ୱକପ୍ ଆୟୋଜନ କରିଥିଲା। କ୍ରମାନ୍ୱୟରେ ୨ଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଉରୁଗୁଏକୁ ଆୟୋଜନ ଅଧିକାର ପ୍ରଦାନ କରିଥିଲା ଫିଫା।

## ସିଜେପିକୁ ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବାକୁ ଅପିଲ୍ କଲେ ଯୁବରାଜ ସିଂ



**ନୂଆଦିଲ୍ଲୀ**

ଦିଲ୍ଲୀରେ ଜାରି ରହିଥିବା ଛାତ୍ର ଆନ୍ଦୋଳନକୁ ନେଇ ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ ଇନଷ୍ଟାଗ୍ରାମ ମାଧ୍ୟମରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୂର୍ବତନ କ୍ରିକେଟର ସରକାର ଏବଂ ବିକ୍ଷୋଭକାରୀ ସଂଗଠନ ସିଜେପିକୁ ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବାକୁ ଅପିଲ୍ କରିଛନ୍ତି। ଏହା ସମେତ ଯୁବରାଜ କହିଛନ୍ତି ଯେ ଦେଶର ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ପରିବେଶରେ ଶିକ୍ଷା ଏବଂ ଏକ ଉନ୍ନତ ଭବିଷ୍ୟତର ଅଧିକାର ମିଳିବା ଉଚିତ।

ଶିକ୍ଷା ସଂସ୍କାର ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଦିଲ୍ଲୀରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ ଶାନ୍ତି ଏବଂ ଆଲୋଚନାର ବାର୍ତ୍ତା ଦେଇଛନ୍ତି। ଏତଦ୍ ବ୍ୟତୀତ ସେ ସରକାର ଏବଂ କକ୍ରୋଚ୍ ଜନତା ପାର୍ଟିକୁ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ ଇମୋସନାଲ୍ ଅପିଲ୍ କରିଛନ୍ତି।

ଯୁବରାଜ ସିଂ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ ଲେଖିଛନ୍ତି, 'ପ୍ରତ୍ୟେକ ପିଲା, ଛାତ୍ର, ମହିଳା ଏବଂ ପୁରୁଷଙ୍କୁ ଶାନ୍ତିର ସହିତ ଶିକ୍ଷା ଲାଭ କରିବା, ସୁରକ୍ଷିତ ପରିବେଶରେ ଆଗକୁ ବଢ଼ିବା ଏବଂ ନିଜ ସ୍ୱପ୍ନକୁ ପୂରଣ କରିବାର ସୁଯୋଗ ମିଳିବା ଉଚିତ। ସେମାନଙ୍କ କଲ୍ୟାଣ ହିଁ ଏକ ଶ୍ରେଷ୍ଠ ଭାରତର ମୂଳଦୁଆ। ଆସନ୍ତୁ ଆମେ ସମସ୍ତେ ମିଶି ଏଭଳି ଏକ ସମାଜ ଗଠନ କରିବା, ଯେଉଁଠାରେ ସମସ୍ତଙ୍କୁ ସୁଯୋଗ ଏବଂ ଆଶା ମିଳିବ। ଭାରତର ଭବିଷ୍ୟତ ପାଇଁ ଆଲୋଚନା ମାଧ୍ୟମରେ ଏକ ସହମତିଭିତ୍ତିକ ସମାଧାନ ବାହାର କରାଯାଇପାରିବ।'

## ଭାଇରାଲ ସେଲିବ୍ରେସନକୁ ନେଇ ମୁହଁ ଖୋଲିଲେ ବୈଭବ ସୂର୍ଯ୍ୟବଂଶୀ




**ନୂଆଦିଲ୍ଲୀ**

ଇଂଲଣ୍ଡ ଗସ୍ତର ବିଫଳତାକୁ ପଛରେ ପକାଇ, ବୈଭବ ସୂର୍ଯ୍ୟବଂଶୀ ଗୁରୁବାର ଜିମ୍ବାୱେ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଏକ ଚମତ୍କାର ଇନିଂସ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ସଫଳତା ସହିତ, ବୈଭବ ଅନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରିଥିବା ଆଇସିସି ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ରର ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ଏହି ମାଇଲଖୁଣ୍ଟରେ ପହଞ୍ଚିବା ପରେ, ବୈଭବ ଏକ ନିର୍ଦ୍ଦିଷ୍ଟ ଉତ୍ସବ କରିଥିଲେ, ଏବଂ ସମସ୍ତେ ଜାଣିବାକୁ ଆଗ୍ରହୀ ଥିଲେ ଯେ ଏହାର ଅର୍ଥ କ'ଣ।

ବୈଭବ ମ୍ୟାଚ୍ ପରେ ଏହି ପ୍ରସଙ୍ଗରେ ନିଜର ନୀରବତା ଭାଙ୍ଗି ଉତ୍ସବର କାରଣ ବୁଝାଇଲେ। ସେ ପରବର୍ତ୍ତୀ ଡେଲିଭରିରେ ଆଉଟ ହେବା ପୂର୍ବରୁ ମାତ୍ର ୧୮ ବଲରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ– ଏକ ଇନିଂସ ଯେଉଁଥିରେ ଚାରି ଚୌକା ଏବଂ ଚାରି ଛକା ଥିଲା।

ପଚାଶ ହାସଲ କରିବା ପରେ, ବୈଭବ ଇଂରାଜୀ ଅକ୍ଷର 'ଇ' ଆକୃତି ଗଠନ କରିବା ପାଇଁ ତାଙ୍କ ଆଙ୍ଗୁଠି ବ୍ୟବହାର କରିଥିଲେ। ସେ ପ୍ରକାଶ କରିଥିଲେ ଯେ ଏହି ଇଙ୍ଗିତ ତାଙ୍କ ମାଆଙ୍କୁ ଉତ୍ସର୍ଗୀକୃତ ଥିଲା। 'ମୁଁ ଏହା ମୋ ମାଆଙ୍କ ପାଇଁ କରିଥିଲି,' ବୋଲି ବୈଭବ କହିଥିଲେ। 'ରିଙ୍କୁ ଭାଇ ଏବଂ ମୁଁ ମଧ୍ୟ କିଛି ଆଲୋଚନା କରିଥିଲୁ, ଏବଂ ଏହା ସେହି ସହିତ ଜଡିତ ଥିଲା। ମୁଁ ଏହି ଇନିଂସକୁ ମୋ ପରିବାର, ମୋର ପ୍ରଶିକ୍ଷକ ଏବଂ ଏହି ଯାତ୍ରାରେ ମୋତେ ସମର୍ଥନ କରିଥିବା ଏବଂ ଭଲ ଏବଂ ଖରାପ ସମୟରେ ମୋ ସହିତ ଠିଆ ହୋଇଥିବା ସମସ୍ତଙ୍କୁ ଉତ୍ସର୍ଗ କରିବାକୁ ଚାହୁଁଛି।'

ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାୟ ଦୁଇ ବର୍ଷ ପରେ ଦଳକୁ ଫେରିଥିବା ମୟଙ୍କ ଯାଦବ ତାଙ୍କ ଅଗ୍ନିବର୍ଷୀ ବୋଲିଂରେ ବିପର୍ଯ୍ୟୟ ଘଟାଇ ଜିମ୍ବାୱେକୁ ୨୦ ଓଭରରେ ୭ ୱିକେଟ ହରାଇ ୧୨୫ ରନ କରିବାକୁ ସୀମିତ ରଖିଥିଲେ। ଭାରତ ୧୩.୨ ଓଭରରେ ତିନି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା।

## ତଳସରା ବିଧାନସଭା କ୍ଷେତ୍ର ସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ରେ ସବ୍‌ଡେଗା ପଞ୍ଚାୟତ ସମିତି ପରିସରରେ ଥିବା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ତଳସରା ବିଧାନସଭା କ୍ଷେତ୍ର ସ୍ତରୀୟ ଉନ୍ନୟନ କମିଟିର ଏକ ସମୀକ୍ଷା ବୈଠକ ତଳସରା ବିଧାନସଭା କ୍ଷେତ୍ରର ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ସଭାପତିତ୍ୱରେ ତଥା ଜିଲ୍ଲା ପରିଷଦର ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଭା.ପ୍ର.ସେ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଯାଇଛି।

ଏହି ସମୀକ୍ଷା ବୈଠକରେ ତଳସରା ବିଧାନସଭା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରମୁଖ ବିଭାଗମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସାଧାରଣ ବଣ୍ଟନ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମାନଙ୍କର ଜିଲ୍ଲା ସ୍ତରରେ ପ୍ରାପ୍ତ ହୋଇଥିବା ବାର୍ଷିକ ଅନୁଦାନ ଏବଂ କାର୍ଯ୍ୟକାରିତା ତଥା ଆଗାମୀ ଆର୍ଥିକ ବର୍ଷର ଯୋଜନାର ରୂପରେଖ ଉପରେ ମାନ୍ୟବର ବିଧାୟକ ଶ୍ରୀ ଭୋଇ ବିସ୍ତୃତ ଭାବରେ ସମୀକ୍ଷା କରିବା ସହିତ ଜିଲ୍ଲାରେ ସୁଶାସନ ଓ ସାଧାରଣ ଅଭିଯୋଗର ତ୍ୱରିତ ଶୁଣାଣି ଉପରେ ଜିଲ୍ଲା ପ୍ରଶାସନକୁ କହିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ନିଜର ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଚାରି ଗୋଟି ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିଜ ନିଜ ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଆହ୍ୱାନ ଦେଇଥିଲେ। ଉପ-ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଆଲୋଚନାରେ ଭାଗ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଅଧିକ ଜନକେନ୍ଦ୍ରିକ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ଭୋଇ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରଶାସନ କିପରି ତୃଣମୂଳ ସ୍ତରରେ ଥିବା ସାଧାରଣ ଜନତାଙ୍କ ନିକଟରେ ସହଜରେ ପହଞ୍ଚିପାରିବ, ବିଭିନ୍ନ ସରକାରୀ ଯୋଜନା କିପରି ଉପଯୁକ୍ତ ହିତାଧିକାରୀଙ୍କୁ ସହଜରେ ଉପଲବ୍ଧ ହେବା ସହିତ କୌଣସି ବି ସମ୍ଭାବ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କରିଥିଲେ।

କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଧାୟକ ଶ୍ରୀ ଭୋଇ ଏବଂ ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରୀମାନେ ପ୍ରଦାନ କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ତିର୍କୀ ବୈଠକ ପରିଚାଳନା କରିଥିବା ବେଳେ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶିକା ସୁଶୀଳା ଟପ୍ପୋ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସବଡେଗା ପଞ୍ଚାୟତ ସମିତି ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀମାନେ ସହାୟତା କରିଥିଲେ।

## ବିହାରର ଡିଏସ୍‌ପି ହେଲେ ଟିମ୍ ଇଣ୍ଡିଆର ଦୁଇ ଷ୍ଟାର ବୋଲର



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ଦୁଇ ଷ୍ଟାର ଖେଳାଳି ଆକାଶ ଦୀପ ଏବଂ ମୁକେଶ କୁମାରଙ୍କୁ ବିହାର ସରକାରଙ୍କ ତରଫରୁ ଏକ ବଡ଼ ଉପହାର ମିଳିଛି। ୨୪ ଜୁଲାଇରେ ଏହି ଦୁଇଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ତରଫରୁ 'ମେଡାଲ୍ ଆଣ, ଚାକିରି ପାଅ' ଯୋଜନା ଅଧୀନରେ ପୋଲିସ୍ ଉପାଧୀକ୍ଷକ ଅର୍ଥାତ୍ ଡିଏସପି ପଦରେ ନିଯୁକ୍ତ କରାଯାଇଛି। ପାଟନାର ଉର୍ଜା ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦ୍ରୁତ ବୋଲର ଆକାଶଦୀପ ଏବଂ ମୁକେଶ କୁମାରଙ୍କ ବ୍ୟତୀତ ଆଥଲେଟ୍ ପିୟୂଷ ରାଜଙ୍କୁ ପୋଲିସ୍ ସବ୍-ଇନ୍ସପେକ୍ଟର ଅର୍ଥାତ୍ ଏସଆଇ ପଦରେ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଏବଂ କ୍ରୀଡ଼ା ମନ୍ତ୍ରୀ ଶ୍ରେୟସୀ ସିଂ ମଧ୍ୟ ଉପସ୍ଥିତ ଥିଲେ।

ପାଟନାର ଉର୍ଜା ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିହାର ସରକାର ଖେଳାଳିମାନଙ୍କୁ ସମ୍ମାନିତ କରିବା ସହ 'ମେଡାଲ୍ ଆଣ, ଚାକିରି ପାଅ' ଯୋଜନା ଅଧୀନରେ ମୋଟ ୧୯ ଜଣ ଖେଳାଳିଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଭାରତୀୟ କ୍ରିକେଟର ଆକାଶ ଦୀପ ଏବଂ ମୁକେଶ କୁମାରଙ୍କୁ ନିଯୁକ୍ତି ପତ୍ର ହସ୍ତାନ୍ତର କରିବା ସହିତ ଆଥଲେଟ୍ ପିୟୂଷ ରାଜ, ପାଞ୍ଚ ଜଣ ପାରା ଖେଳାଳି ଏବଂ ବିଭିନ୍ନ କ୍ରୀଡ଼ା ସହ ଜଡ଼ିତ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ସରକାରୀ ସେବାରେ ସାମିଲ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ବୃତ୍ତି ନିଯୁକ୍ତି-ପତ୍ର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସମ୍ମାନ ରାଶି ମଧ୍ୟ ବିତରଣ କରାଯାଇଛି। ବିହାର ସରକାରଙ୍କ ଅନୁଯାୟୀ, ବିଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିଥିବା ୧୮୦ ଜଣ ଖେଳାଳିଙ୍କୁ ଭିନ୍ନ ଭିନ୍ନ ସରକାରୀ ବିଭାଗରେ ଚାକିରି ଦିଆଯାଇ ସାରିଛି।

## ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ତିନିଠାକୁର

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧର ପ୍ରସିଦ୍ଧ ବାହୁଡା ଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହ ଜନ୍ମବେଦୀରେ ନଅଦିନର ଲୀଳାଖେଳା ପରେ ନିଜ ମନ୍ଦିରକୁ ବାହୁଡିଛନ୍ତି। ମାଉସୀ ମା ମନ୍ଦିରରେ ସକାଳ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ଅପରାହ୍ନରେ ବ୍ରାହ୍ମଣ ସେବକମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ଗୋଟି ପହଣ୍ଡିରେ ନିଆଯାଇଥିଲା। ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ସବୁ ଲାଗି କରାଯାଇଥିଲ। ଜିଲ୍ଲା ଜଜ୍‌ପ୍ରତାପ୍ କୁମାର ପାତ୍ରଙ୍କ



ବାସଭବନ ସମ୍ମୁଖରେ ତିନିଠାକୁରଙ୍କୁ ରଖାଯାଇ ସପରିବାର ପୂଜାର୍ଚ୍ଚନା କରିଥିଲେ। ବ୍ରାହ୍ମଣସେବକଙ୍କ କାନ୍ଧରେ ତିନି ଠାକୁର ଝୁଲିଝୁଲି ଝିପିଝିପି ବର୍ଷାରେ ପହଣ୍ଡି ଯାତ୍ରାରେ ଯିବାବେଳେ ସଂକୀର୍ତ୍ତନ୍ୟ, ଘଣ୍ଟ ଶଙ୍ଖ ନାଦରେ ବଡଦାଣ୍ଡ ଉଚ୍ଛୁଳି ପଡିଥିଲା।

## ବିଏମ୍‌ସି ପକ୍ଷରୁ ବେଆଇନ ଭାବେ ଗାଡ଼ିରୁ ଆଦାୟ ହେଉଛି ୟୁଜର୍ସ ଫି'

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ପ୍ରବେଶ କରୁଥିବା ଯାନବାହାନ ଠାରୁ ବିଏମ୍‌ସି ପକ୍ଷରୁ ବେନିୟମ ଭାବେ ଫି' ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ସହରର ପ୍ରମୁଖ ୬ଟି ପ୍ରବେଶ ପଥରେ କର୍ମଚାରୀଙ୍କୁ ନିଯୋଜିତ କରି ଏଭଳି ଭାବେ ଦୀର୍ଘ ବର୍ଷ ଧରି ଫି' ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସବୁଠାରୁ ବଡ଼କଥା ହେଲା ୬ଟି ପ୍ରବେଶ ପଥ ମଧ୍ୟରୁ ଗୋଟିଏକୁ ଗତ କିଛି ମାସ ହେଲା ବନ୍ଦ କରାଯାଇଥିବା ବେଳେ ଅନ୍ୟ ୫ଟି ସ୍ଥାନରୁ କର୍ମଚାରୀଙ୍କ ଜରିଆରେ ଫି' ଆଦାୟ କରାଯାଉଛି। ୟୁଜର୍ସୟ ଫି' ବାବଦରେ ସହରକୁ ପ୍ରବେଶ କରୁଥିବା ବିଭିନ୍ନ ଯାନବାହନ ଠାରୁ ଏହି ଫି' ଆଦାୟ କରାଯାଉଛି। ଦଶ ଚକିଆରୁ ଊର୍ଦ୍ଧ୍ୱ ଯାନ ଠାରୁ ଦୈନିକ ୪୦ଟଙ୍କା ଓ ଅନ୍ୟାନ୍ୟ ବସ୍, ଭ୍ୟାନ୍, ସିଟି ରାଇଡ଼ର, ମିନିବସ୍, ଟ୍ରାକ୍ଟର, ପିକ୍‌ଅପ୍ ଭ୍ୟାନ, ଟ୍ରକ୍, ଚାରି ଓ ଛଅ ଚକିଆ ଭାରିଯାନ ଠାରୁ ସର୍ବନିମ୍ନ ଦୈନିକ ୨୦ ଟଙ୍କା ଆଦାୟ କରାଯାଉଛି। ବର୍ତ୍ତମାନ ସହରର ୫ଟି ପ୍ରବେଶ ପଥରେ ଆଦାୟ କରାଯାଉଥିବା ଏହି ଫି' ପାଇଁ ଦୈନିକ ୮ ଘଣ୍ଟା ହିସାବରେ ୩ଟି ସିଫ୍ଟରେ ୩ଜଣ ଲେଖାଏଁ ୫ଟି ସ୍ଥାନରେ ମୋଟ ୧୫ ଜଣ କର୍ମଚାରୀଙ୍କୁ ଆବଶ୍ୟକତା ରହିଛି। ତେବେ ବର୍ତ୍ତମାନ ୧୫ ଜଣଙ୍କ ସ୍ଥାନରେ କେବଳ ୯ ଜଣ ନିଯୋଜିତ ଥିବା ଜଣାପଡ଼ିଛି। ଫାଷ୍ଟ ଗେଟ୍, ଜଗବନ୍ଧୁ ସାହି ଓ ରମ୍ଭା ସାହି ନିକଟରେ ୩ ଜଣଙ୍କ ସ୍ଥାନରେ ମାତ୍ର ଜଣେ ଲେଖାଏଁ କର୍ମଚାରୀଙ୍କୁ ନିଯୋଜିତ କରାଯାଇ ଥିବା ବେଳେ ଅନ୍ଧପସରା ରୋଡ୍‌ରେ ୩ଜଣ ଓ ଖୋଡ଼ାସିଙ୍ଗି ଠାରୁ ଦୁଇ ଜଣଙ୍କୁ ନିଯୋଜିତ କରାଯାଇଛି। ଦୈନିକ ଏହି ସମସ୍ତ ସ୍ଥାନରୁ ବିଏମ୍‌ସିକୁ ୧୮ ହଜାର ଟଙ୍କା ହିସାବରେ ମାସିକ ୫ ଲକ୍ଷ ୪୦ ହଜାର ଟଙ୍କା ରାଜସ୍ୱ ହାସଲ ହେଉଥିବା ଜଣାପଡ଼ିଛି। ତେବେ ଏହି ପରିମାଣ ସେଠାରେ ନିଯୋଜିତ କର୍ମଚାରୀଙ୍କ ଦରମା ଠାରୁ ଯଥେଷ୍ଟ କମ୍ ଥିବା ବେଳେ ବିଏମ୍‌ସିକୁ ଏଥିପାଇଁ କ୍ଷତି ସହିବାକୁ ପଡୁଥିବା ଜଣାପଡ଼ିଛି। ପୂର୍ବରୁ ଅନେକ ଥର ଏନେଇ କର୍ପୋରେସନ୍ ବୈଠକରେ ଆଲୋଚନା କରାଯାଇ ଏହି ବ୍ୟବସ୍ଥାର ଘରୋଇକରଣ କରିବା ନେଇ ମଧ୍ୟ ପ୍ରସ୍ତାବ ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ସହମତି ପ୍ରକାଶ ପାଇନଥିଲା କି କାର୍ଯ୍ୟକାରୀ ମଧ୍ୟ ହୋଇପାରିଲା ନାହିଁ। ଏଭଳି ପରିସ୍ଥିତିରେ ଟିକସ ଆଦାୟ ହେଉଥିବା ସ୍ଥାନଗୁଡ଼ିକରେ ଦେଖିବାକୁ ମିଳିଛି ଭିନ୍ନ ଏକ ଦୃଶ୍ୟ। ଫି' ଆଦାୟ ପାଇଁ ନିଯୋଜିତ କର୍ମଚାରୀମାନେ କର୍ମଚାରୀ ଅଭାବର ସୁଯୋଗ ନେଇ ନିଜ ଆଡୁ ବିଭିନ୍ନ ସ୍ଥାନରେ ଅଣ କର୍ମଚାରୀଙ୍କୁ ନିଯୋଜିତ କରି ଟିକସ ଆଦାୟ କରୁଥିବା ଦେଖିବାକୁ ମିଳିଛି। ଯାହା ସର୍ବସାଧାରଣରେ ଲୁଟ୍ ଛଡ଼ା ଅନ୍ୟ କିଛି ନୁହେଁ। ପୂର୍ବରୁ ଏଭଳି ଅଭିଯୋଗ ପାଇଁ ଜଣେ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯୋଇଥିବା କହିଛନ୍ତି କମିଶନର। ଏପରିକି ସେ ଏହି ବ୍ୟବସ୍ଥା ଦ୍ୱାରା ବିଏମ୍‌ସିକୁ କ୍ଷତି ସହିବାକୁ ପଡୁଥିବାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦେବାକୁ ସେ ନିଜର ପ୍ରତିକ୍ରିୟାରେ କହିଛନ୍ତି। କର୍ମଚାରୀଙ୍କ ହରିଲୁଟ୍ ଅଭିଯୋଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମେୟର ସଂଘମିତ୍ରା ଦଳେଇ। ଏଭଳି ଅଭିଯୋଗ ଆସିବା ପରେ ଏହାର ତଦନ୍ତ କରାଯାଇ ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ଜାରି କରି ସମ୍ପୃକ୍ତ କର୍ମଚାରୀଙ୍କ ଠାରୁ ସନ୍ତୋଷ ଜନକ ଉତ୍ତର ନମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଏହି ବ୍ୟବସ୍ଥା ବହୁ ପୂର୍ବରୁ ଚାଲି ଆସିଥିବା ବେଳେ ଏଥିରେ ସୁଧାର ଆଣି ଆବଶ୍ୟକ ସୁବିଧା ପ୍ରଦାନ ସହିତ ବିଏମ୍‌ସିକୁ କିଭଳି ଅଧିକ ରାଜସ୍ୱ ଆସିପାରିବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

